# ଶ୍ରୀକ୍ଷେତ୍ର ସିଟି

୨୦/୧/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୬,୫୨୪/- ସୁନା: ୦୦.୨୫୦ ଗ୍ରାମ୍ ରୁପା: ୫୯.୦୦୦ ଗ୍ରାମ୍



## ବିଜେଡିରେ ମିଶିଲେ ବିଜେପି କର୍ମୀ



**ପୁରୀ/କୃଷ୍ଣପ୍ରସାଦ, ୨୦।୧(ସମିସ):** ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ କୁମାରପୁର ଗ୍ରାମର ରାକେଶ ବେହେରାଙ୍କ ପରିବାର ବିଜେପି ପରିତ୍ୟାଗ କରି ଶନିବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ରହ୍ମଗିରି ନିର୍ବାଚନୀମଣ୍ଡଳୀ ଯୁବ ଜନତା ଦଳ ସଭାପତି ଦିଲ୍ଲିପ ରଣସିଂହ ଯୁବନେତା ଅଭୟ ମହାପାତ୍ର, ଅନିଲ ସାହୁ, ଛାତ୍ର ନେତା ଶାନ୍ତନୁ ମାଝୀ, ବସନ୍ତ ପ୍ରଧାନ, ଲଳିତ ରଣସିଂହ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ।

### ଜାତୀୟ ନୃତ୍ୟ ମହୋତ୍ସବ

## ମାହାରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

**ପୁରୀ, ୨୦।୧(ସମିସ):** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ମାହାରି ନୃତ୍ୟ, ଚନ୍ଦନ ପଟୁଆରରେ ଗାୟନ ହେଉଥିବା ଆଗୋ ସଖୀ ଦେଖ ଗୋରାଧା ମାଧବ ଚାଲି ଇତ୍ୟାଦି ସଙ୍ଗୀତର ତାଳେ ତାଳେ ନୃତ୍ୟ ଶିଳ୍ପୀମାନେ ହୃଦୟରେ ଭରି ଦେଇଥିଲେ ଅପୂର୍ବ ଉନ୍ମାଦନା। ଆଜିର ରୂପା ଆଣ୍ଡ ଟ୍ରୁପ୍ ପୁରୀ ଦ୍ୱାରା ଆୟୋଜିତ ଜାତୀୟ ନୃତ୍ୟ ମହୋତ୍ସବ - ୨୦୨୪ ଅନୁଷ୍ଠିତ ହେବା ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଦାସିଆ ବାଉରୀ ଗୀତିନାଟ୍ୟ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଗୁରୁ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିକି, ବର୍ଷା, ରଚନା, ମାମା, ରିଆ, ରେଶମା, ଗୁଣ୍ଡୀ, ରଶ୍ମୀ, ପଦ୍ମିନୀ, ସାନି, ଶୀତଲ, କ୍ୟୁଟି, ରୋଜା, ରୁପସା, ଟାଟୁ, ରିଆ, ଲିପା, ଏବଂ ବିରଞ୍ଚି, ଗୁଣ୍ଡୁ, ସ୍ମୃତି, ରାଜେଶ, ଗୋପୀନାଥ, ବାଦଲ, ଦୁର୍ଗା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାକୁ ଶ୍ରୀବିଗ୍ରହମାନଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁରୀର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ନିର୍ଦ୍ଦେଶକ, ଅଭିନେତାପ୍ରସନ୍ନ କୁମାର ମିଶ୍ର, ପୁରୀ ପୁସ୍ତକମେଳା କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର, କବିତିଲକ ଆର୍ତ୍ତାତ୍ରାଣ ଶତପଥୀ ବିଶିଷ୍ଟ ଅତିଥି ଭାବେ ମଞ୍ଚ ଅଳଙ୍କୃତ କରିଥିଲେ। ସଂଯୋଜନା କରିଥିଲେ ବିଷ୍ଣୁଦତ୍ତ ଦାସ। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପୂଜପଣ୍ଡା ପୌରୋହିତ୍ୟ କରିଥିଲେ।

### ଜାତୀୟ ମତଦାତା ଦିବସ ପ୍ରସ୍ତୁତି ବୈଠକ

## ୨୫ରେ ମତଦାନ ସଚେତନତା ଶୋଭାଯାତ୍ରା

**ପୁରୀ, ୨୦।୧(ସମିସ):** ପୁରୀ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଡେପୁଟି କଲେକ୍ଟର ନିର୍ବାଚନ ରାକେଶ କୁମାର ପଣ୍ଡା ଯୁବ ଭୋଟରମାନଙ୍କୁ ମତଦାନ ପାଇଁ ଉତ୍ସାହିତ କରିବା, ଯୁବବର୍ଗ ମଧ୍ୟରେ ବିବିଧ ପ୍ରତିଯୋଗିତା ଆୟୋଜନ କରି ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବା ପାଇଁ ଭାରତର ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପରାମର୍ଶ ରହିଛି। ତେଣୁ ମତଦାତା ଦିବସକୁ ସୁଚାରୁ ରୂପେ ପରିଚାଳନା ପାଇଁ ସେ ଆହ୍ୱାନ ଦେଇଥିଲେ। ନିଷ୍ପତ୍ତି ଅନୁସାରେ ଚଳିତବର୍ଷ ମତଦାତା ଦିବସର ବିଷୟ ବା ଥିମ୍ ଭୋଟ ଦେବାର ଅନୁଭୂତି ଅତୁଳନୀୟ, ୨୦୨୪ ନିର୍ବାଚନରେ ମୁଁ ଭୋଟ ଦେବି ନିଶ୍ଚୟକୁ ନେଇ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ଅନୁଷ୍ଠିତ ହେବ। ଏହା ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏହାର କୃତି ପ୍ରତିଯୋଗୀଙ୍କୁ ସଂସ୍କୃତି ଭବନରେ ଆୟୋଜିତ ମତଦାତା ଦିବସରେ ପୁରସ୍କୃତ କରାଯିବ। ୨୫ ତାରିଖ ସକାଳ ୭ଟା ୩୦ରେ ମତଦାନ ସଚେତନତା ଶୋଭାଯାତ୍ରା ବ୍ଲୁ ଫ୍ଲାଗ ବିଚ୍‌ରୁ ବାହାରି ସଂସ୍କୃତି ଭବନରେ ପହଞ୍ଚିବ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଭୋଟର ଫଟୋ ପରିଚୟପତ୍ର ବଣ୍ଟନ, ଶ୍ରେଷ୍ଠ ବିଏଲ୍‌ଓ, ବିଏଲଓ ସୁପର ଭାଇଜର, ଏଇଆର୍ ଓ ଏବଂ ମୁଁ ବି ମିତାଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ଡେପୁଟି କଲେକ୍ଟର ସୁଶାନ୍ତ କୁମାର ପଟ୍ଟନାୟକ, ମନୋଜ କୁମାର ପ୍ରଧାନ, ମନୀଷା ଷଡ଼ଙ୍ଗୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ସେକ୍ସନ ଅଫିସର ମାନସ କୁମାର ପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ପ୍ରିୟରଞ୍ଜନ ଦାଶ ଅଂଶ ଗ୍ରହଣ କରିଥିଲେ।

### ଜିଲ୍ଲା ସ୍ୱାସ୍ଥ୍ୟ ମୁଖିଆଙ୍କ ଅଜବ ନିଷ୍ପତ୍ତି

# ଡାକ୍ତରଖାନା ଆସି ଫେରୁଛନ୍ତି ଗର୍ଭବତୀ

**ପୁରୀ, ୨୦।୧(ସମିସ)**

ରାଜ୍ୟବାସୀଙ୍କୁ ସର୍ବୋତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟର ସବୁ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରାଯାଇଥିବା ବେଳେ ବିଭିନ୍ନ ପ୍ରକାର ଯୋଜନା ବି କାର୍ଯ୍ୟକାରୀ ହେଉଛି। ବିଏସ୍‌କେୱାଇ କାର୍ଡ ପାଇଁ ଅନେକ ଗରିବ ଲୋକ ଆଜି ବଡ଼ ବଡ଼ ଡାକ୍ତରଖାନାରେ ଉତ୍ତମ ଚିକିତ୍ସା ସୁବିଧା ପାଉଛନ୍ତି। ସେହିପରି ମାତୃ ମୃତ୍ୟୁହାର ହ୍ରାସ ପାଇଁ ବିଭିନ୍ନ ପ୍ରକାର ଯୋଜନା କରାଯାଇଥିବା ବେଳେ ଗର୍ଭବତୀ ମହିଳାମାନେ ଯେପରି ସୁଖ ପ୍ରସବ କରିବେ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା ଖଞ୍ଜି ଦେଇଛନ୍ତି ରାଜ୍ୟ ସରକାର। ହେଲେ ଏମିତି କିଛି ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଅନେକ ସମୟରେ ରୋଗୀଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ପୁରୀ ସ୍ୱାସ୍ଥ୍ୟ ମୁଖିଆ ଅଜବ ନିଷ୍ପତ୍ତି ପାଇଁ ଯନ୍ତ୍ରଣା ଭୋଗୁଛନ୍ତି ଗର୍ଭବତୀ। ହସ୍ପିଟାଲ ଆସି ଡାକ୍ତରଙ୍କୁ ନ ପାଇ ଫେରୁଛନ୍ତି। ଏଭଳି ସ୍ଥିତି ଏବେ ଦେଖିବାକୁ ମିଳିଛି କମଳା ଦେବୀ ମାତୃମଙ୍ଗଳ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ସମୟ ଥିଲା ଏଠାରେ ୪ ଜଣ ଡାକ୍ତର ଥିଲେ। ହେଲେ ଏବେ ଡାକ୍ତରଙ୍କ ଚେୟାର ଫାଙ୍କା ପଡ଼ିଛି।

ପୁରୀ ସହରରେ ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ ପିଏଚ୍‌ସି) ଯଥା କମଳା ଦେବୀ ମାତୃମଙ୍ଗଳ (କେଡିଏମ୍‌ଏମ୍) ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱର୍ଗଦ୍ୱାର, ଦୋଳବେଦୀକୋଣ, ପେଣ୍ଠକଟା ଓ ଚନ୍ଦନ ହଜୁରୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିପରି ୪ଟି ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ର ଯଥା ମଙ୍ଗଳାଘାଟ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ର, କଣ୍ଢେଇ ଫ୍ୟାକ୍ଟ୍ରି, ଭୂଦାନ ଏବଂ ବଳିଆପଣ୍ଡା ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ର ରହିଛି। ପ୍ରତିଦିନ ଯେ ହେତୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ଅଧିକ ରହୁଛି ତେଣୁ ଜନସାଧାରଣଙ୍କୁ ସୁବିଧାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଉପରୋକ୍ତ ସ୍ୱାସ୍ଥ୍ୟକେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। ବିଶେଷକରି ଗର୍ଭବତୀ ମହିଳା ଏବଂ ବରିଷ୍ଠ ନାଗରିକମାନେ ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବାକୁ ପସନ୍ଦ କରିଥାନ୍ତି।

ଉପରୋକ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କମଳାଦେବୀ ମାତୃ ମଙ୍ଗଳକୁ ସର୍ବାଧିକ ଗର୍ଭବତୀ ମହିଳା ଆସିଥାନ୍ତି। ଯେ ହେତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭିଡ଼ ରହୁଛି ତେଣୁ ଗର୍ଭବତୀମାନେ ଯେପରି ଅଧିକ ସମୟ ଅପେକ୍ଷା ନ କରନ୍ତି ସେଥିପାଇଁ କମଳାଦେବୀଙ୍କୁ ଆସିବାକୁ ପସନ୍ଦ କରିଥାନ୍ତି। ଏଠାରେ ମଧ୍ୟ ଗର୍ଭବତୀଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିଲା। ହେଲେ ଏବେ ଏଠାରେ ରୋଗୀ ଦେଖିବାକୁ ଡାକ୍ତର ନାହାନ୍ତି।

### କେଡିଏମ୍‌ଏମ୍‌ରେ ନାହାନ୍ତି ଡାକ୍ତର
### ଥିଲେ ୪, ଏବେ ଚେୟାର ଫାଙ୍କା

ସୂଚନା ଅନୁଯାୟୀ, ୨୦୨୦ ମସିହାରେ କେଡିଏମ୍‌ଏମ୍‌ରେ ଡାକ୍ତର ସୌମ୍ୟରଞ୍ଜନ ଷଡ଼ଙ୍ଗୀ, ଡାକ୍ତର ଲୋପାମୁଦ୍ରା ସ୍ୱାଇଁ ଏବଂ ଡାକ୍ତର ଅଙ୍କିତା ସ୍ୱାଇଁ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଉଥିଲେ। ଏଠାରେ ଗର୍ଭବତୀ ମହିଳାମାନେ ପ୍ରସବ ମଧ୍ୟ କରୁଥିଲେ। ୧୨ଟି ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ଗର୍ଭବତୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ୨୦୨୧ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡେପୁଟେଶନରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ଅବିନାଶ ମହାରଣା ମଧ୍ୟ ଆସିଥିଲେ। ଏକଦା ୪ ଜଣ ଡାକ୍ତର ଏଠାରେ ଥିଲେ। ମାତ୍ର ପିଜି ପାଇଁ ୨୦୨୨ ଅକ୍ଟୋବରରେ ଡାକ୍ତର ଲୋପାମୁଦ୍ରା ଏବଂ ୨୦୨୩ ଅକ୍ଟୋବରରେ ଡାକ୍ତର ଅଙ୍କିତା ଯିବା ପରେ ୨ ଜଣ ଡାକ୍ତର ଏଠାରେ ସେବା ଯୋଗାଉଥିଲେ। ମାତ୍ର ଗତ ଡିସେମ୍ବର ମାସରେ ଡାକ୍ତର ସୌମ୍ୟରଞ୍ଜନ ଷଡ଼ଙ୍ଗୀ ଓପିଏସ୍‌ସି ପାଇଁ ଅନ୍ୟତ୍ର କାର୍ଯ୍ୟରେ ଯୋଗଦେଇଥିଲେ। ଏହାପରେ ଜଣେ ମାତ୍ର ଡାକ୍ତର ରୋଗୀଙ୍କୁ ସେବା ଦେବା ସମ୍ଭବ ହେଉ ନ ଥିଲା। ଦୈନିକ ୭୦ରୁ ୮୦ ଜଣ ରୋଗୀ ଆସୁଥିବା ବେଳେ ଏହି ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଲା। ଯେଉଁ ଗର୍ଭବତୀ ମହିଳାମାନେ ସମ୍ପୃକ୍ତ ଡାକ୍ତରଙ୍କ ପାଖରେ ଚିକିତ୍ସା ସୁବିଧା ପାଉଥିଲେ ସେମାନେ ପଳାଇଯିବାରୁ ହଇରାଣ ହୋଇଥିଲେ। ମାସକୁ ଏଠାରେ ପ୍ରାୟ ୩୦୦ ଡେଲିଭରୀ ହେଉଥିବା ବେଳେ ଏବେ ଏହା ୪୦ରୁ ୫୦କୁ ଖସି ଆସିଲାଣି। ଏଭଳି ସ୍ଥିତିରେ କେଡିଏମ୍‌ଏମ୍‌ରେ ଚିକିତ୍ସା ସେବା ମିଳୁଥିବା ବେଳେ ଶନିବାର ହସ୍ପିଟାଲରେ କେହି ଡାକ୍ତର ନ ଥିଲେ। ଫଳରେ ରୋଗୀମାନେ ଫେରୁଥିବା ଦେଖିବାକୁ ମିଳିଥିଲା। ତେବେ ଡାକ୍ତର ମହାରଣା ଛୁଟି ନେଇଥିବା ଶୁଣିବାକୁ ମିଳୁଥିଲେ ହେଁ ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ।

ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଫଳରେ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

**ପୁରୀ, ୨୦।୧(ସମିସ)**

ଭାରତ ବିକାଶ ପରିଷଦ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ସମୁଦ୍ରକୂଳସ୍ଥିତ ବିବେକା ନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୁରୀରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ ସ୍ୱାମିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପଜିଲ୍ଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ର ମହା ସଚିବ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସ ଯୋଗଦେଇ ସ୍ୱାମିଜୀଙ୍କ ବିଶ୍ୱଭ୍ରାତୃତ୍ୱ ଏବଂ ପ୍ରତ୍ୟେକ କ୍ଷେତ୍ରରେ ଭାରତର ପ୍ରଭୁତ୍ୱ ପ୍ରତିଷ୍ଠା ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ଶ୍ରୀଜଗନ୍ନାଥ ଧାମ ଶାଖା ଅଧ୍ୟକ୍ଷ ପ୍ୟାରୀମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସନ୍ତୋଷ କୁମାର ମହାନ୍ତି, ପତିତପାବନ ସାମନ୍ତରାୟ, ନିମେଇ ଚରଣ ସାହୁ, ପିତାମ୍ବର ମହାପାତ୍ର, ସୁପ୍ରିତି ରଥ, ଜୟନ୍ତୀ ମହାପାତ୍ର, ସସ୍ମିତା ବନ୍ଦର ନାୟକ, ବୁଦ୍ଧଦେବ ମହାପାତ୍ର, କିଶୋର ପାତ୍ର, ତାରାପ୍ରସାଦ ଦାସ, ଶିବାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସମୂହ ବନ୍ଦେ ମାତରଂ ଏବଂ ଶେଷରେ ରାଷ୍ଟ୍ର ଗାନ ଗାନ କରାଯାଇଥିଲା।




## ସ୍ୟାଣ୍ଡ ଆନିମେଶନରେ ପ୍ରଭୁ ରାମଲାଲା



**ପୁରୀ, ୨୦।୧(ସମିସ)**

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ନୂତନ ଭାବେ ନିର୍ମିତ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଏହାର ଅବ୍ୟବହିତ ପୂର୍ବରୁ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ରାମ ମନ୍ଦିର ଏବଂ ପ୍ରଭୁ ରାମଲାଲାଙ୍କୁ ଦେଖାଇଛନ୍ତି। ୫ ମିନଟ ୩୪ ସେକେଣ୍ଡର ଏହି ଭିଡିଓକୁ ପ୍ରସ୍ତୁତ କରିବାକୁ ମାନସଙ୍କୁ ୨୦ଘଣ୍ଟା ସମୟ ଲାଗିଛି। ଏହି ସମ୍ପୂର୍ଣ୍ଣ ଭିଡିଓରେ ମନ୍ଦିର ନିର୍ମାଣ ଖବର ଶୁଣି ଜନସମାଜ ଖୁସିରେ ପୁଲକିତ ହୋଇଯାଉଛନ୍ତି। ସାଧୁସନ୍ଥ, ଜନସାଧାରଣ ଶୋଭାଯାତ୍ରା କରୁଛନ୍ତି। ମନ୍ଦିରର ନିର୍ମାଣ କାର୍ଯ୍ୟ ଜୋରସୋରରେ ଆରମ୍ଭ ହେଉଛି। ସମସ୍ତ କଳାକାର, ଇଞ୍ଜିନିୟର ଦିନରାତି ମିଶି ଭବ୍ୟ ମନ୍ଦିର ନିର୍ମାଣରେ ଲାଗିପଡ଼ିଛନ୍ତି। ମନ୍ଦିର ନିର୍ମାଣ ପରେ ସମସ୍ତେ ଶୋଭାଯାତ୍ରା, କଳସ ଯାତ୍ରା ହେବାର ଦୃଶ୍ୟ, ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାର ଉତ୍ସବକୁ ଅତି ସୁନ୍ଦର ଭାବେ ଦେଖାଇଛନ୍ତି ମାନସ।

### ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ପାଳିତ

# ମହାପୁରୁଷଙ୍କ ତ୍ୟାଗ, ବଳିଦାନ ଆଗାମୀ ପିଢ଼ି ଜାଣିବା ଉଚିତ





**ପୁରୀ, ୨୦।୧(ସମିସ)**

ଦେଶର ସୁରକ୍ଷା ଓ ଗୌରବ ପାଇଁ ବୀର ସହୀଦଙ୍କର ଅବଦାନ ଅତୁଳନୀୟ। ଚାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ ଏପରି ଜଣେ ବୀର ଯିଏ ଦେଶ ମାତୃକାର ସେବା ସହ ମହାପ୍ରଭୁଙ୍କ ସେବାରେ ମଧ୍ୟ ସମର୍ପିତ ଥିଲେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଶନିବାର ପୂର୍ବାହ୍ନରେ ସଂସ୍କୃତି ଭବନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି ମିଳିତ ସହଯୋଗରେ ଚାଖି ଖୁଣ୍ଟିଆଙ୍କର ୨୦୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ମହାପୁରୁଷ ମାନଙ୍କର ସେବା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢୀକୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ। ଚନ୍ଦନ ହଜୁରୀଙ୍କ ଜୀବନୀ, ଆଦର୍ଶ, ତ୍ୟାଗ ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ଅବଗତ କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ ଚାଖି ଖୁଣ୍ଟିଆଙ୍କ ଜନ୍ମ, ନାମର ସାର୍ଥକତା, କର୍ମ, ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା, ଚାଖିଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ, ଭଜନ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଚାଖିଙ୍କ ଦାୟାଦ ନୀଳକଣ୍ଠ ଖୁଣ୍ଟିଆ ଚାଖିଙ୍କ ଜୀବନୀ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଦଶ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା ବୋଲି କହିଥିଲେ। ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ମାୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ଧ୍ରୁବଚରଣ କର ସମସ୍ତଙ୍କୁ ସ୍ୱାଗତ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ବିଶ୍ୱମ୍ଭର ବିଦ୍ୟାପୀଠର ଏନସିସି ଟିମ୍ ଓ ଭୋଳାନାଥ ବିଦ୍ୟାପୀଠର ସ୍କାଉଟ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଶ୍ରୀପର୍ଣ୍ଣା କଳା ପରିଷଦ ସ୍ୱାଗତ ସଙ୍ଗୀତ ଓ ଚାଖିଙ୍କ ରଚିତ ଭଜନ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସମିତିର ସଭାପତି ଦିବଙ୍ଗତ ମହେଶ୍ୱର ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଅନାମ ଚନ୍ଦ୍ର ସାହୁ ଓ ଶିବସୁନ୍ଦର ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି କବୟିତ୍ରୀ କବିତା ପାଠ କରିଥିଲେ। ପ୍ରତ୍ୟୁଷରୁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟଠାରେ ଚାଖିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୁରୀ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ଅତିଥି ଯୋଗଦେଇ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

## 'ଆଇନଜୀବୀ ବିଶ୍ୱନାଥ ମାଝୀ ଥିଲେ ମାର୍ଗଦର୍ଶକ'

**ପୁରୀ, ୨୦।୧(ସମିସ):** ଭିଆଇପି ରୋଡସ୍ଥିତ ଶ୍ରୀକ୍ଷେତ୍ର ଚିନ୍ତନ ଚକ୍ର ପରିସରରେ ଅନୁଷ୍ଠାନର ସଭାପତି ଅନିମା ଦାଶଙ୍କ ସଭାପତିତ୍ୱରେ ବିଶିଷ୍ଟ ଆଇନଜୀବୀ ତଥା ଅନୁଷ୍ଠାନର ବରିଷ୍ଠ ସଭ୍ୟ ବିଶ୍ୱନାଥ ମାଝୀଙ୍କ ଗତ ୧୬ ତାରିଖରେ ବିୟୋଗ ହୋଇଥିଲା। ତେଣୁ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୁରୀ ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର, କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ପ୍ରଦୀପ୍ତ କୁମାର ମହାନ୍ତି, ପତଞ୍ଜଳୀ ଯୋଗ ସମିତିର ଜିଲ୍ଲା ସଭାପତି ମହେଶ ପ୍ରସାଦ ରଥ, ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଓ ଫାର୍ମାସୀ ମହାବିଦ୍ୟାଳୟର ସମ୍ପାଦକ ଇଂ. ରୋଜା ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାଝୀଙ୍କର ଅମାୟିକ ବ୍ୟକ୍ତିତ୍ୱ, ଆଇନୀ କ୍ଷେତ୍ରରେ ପାରଦର୍ଶିତା, ପରୋପକାରିତା ମନୋଭାବ ଏବଂ ତାଙ୍କୁ ଜଣେ ମାର୍ଗଦର୍ଶକ ଭାବେ ବର୍ଣ୍ଣନା କରିଥିଲେ। ତାଙ୍କର ଅକାଳ ବିୟୋଗରେ ଅନୁଷ୍ଠାନ ଜଣେ ଆଦର୍ଶ ସଭ୍ୟଙ୍କୁ ହରାଇଲା, ଯାହା ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

## 'ଓଶୋ' ଧ୍ୟାନ ଶିବିର ଉଦ୍‌ଘାଟିତ

**ପୁରୀ, ୨୦।୧(ସମିସ):** ବଳିଆପଣ୍ଡାସ୍ଥିତ ଜିନିଅସ ହର୍ମିଟେଜଠାରେ ମୁମ୍ବାଇର ପୂଜ୍ୟ ସ୍ୱାମୀ ଜ୍ଞାନ ଅଭିନାଶଙ୍କ ଉପସ୍ଥିତିରେ ଶୁକ୍ରବାର ତ୍ରିଦିବସୀୟ ଓଶୋ ଧ୍ୟାନ ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ମନୁଷ୍ୟର ନିତିଦିନିଆ ଜୀବନରେ ଧ୍ୟାନର ଆବଶ୍ୟକତାକୁ ନେଇ ଆଲୋଚନା କରାଯାଇଛି। ସ୍ୱାମୀ ଜ୍ଞାନ ଅଭିନାଶ ଉପସ୍ଥିତ ସନ୍ୟାସୀଙ୍କୁ ବିଭିନ୍ନ ପ୍ରକାରର ଧ୍ୟାନର ବିଧିମାନ ସମୁଦ୍ର କୂଳରେ କରାଇଥିଲେ। ପଙ୍କରୁ ଜାତ ପଦ୍ମ ସଦୃଶ ମନୁଷ୍ୟ ମଧ୍ୟ ସଂସାରରେ ରହି ଧ୍ୟାନକୁ ଆଧାର କରି ସେହି ପରମ ସତ୍ତାର ଅନୁଭବ ନେଇପାରିବ, ଯେବେ ମନୁଷ୍ୟ ସହଜ, ସରଳ ଭାବେ ବଞ୍ଚିବ ବୋଲି ସ୍ୱାମିଜୀ ଜଣାଇଥିଲେ। ନୋ ମାଇଣ୍ଡ, ଡାଇନାମିକ, କୁଣ୍ଡଳିନୀ ଭଳି ଅନେକ ଧ୍ୟାନର ପ୍ରକ୍ରିୟା କରାଇଥିଲେ। ଜଗନ୍ନାଥ ଧାମ ଏକ ପବିତ୍ର ଭୂମି ଓ ସେଠାକାର ପ୍ରତି ବ୍ୟକ୍ତି ଶ୍ରୀଜଗନ୍ନାଥଙ୍କ ଆଶିଷ ପାଉଛନ୍ତି ବୋଲି କହିଥିଲେ। ଉତ୍ସବ ଆମର ଜାତି, ଆନନ୍ଦ ଆମର ଗୋତ୍ର ଏହା ସମସ୍ତେ ଅନୁକରଣ କରିପାରିବେ ବୋଲି ସ୍ୱାମିଜୀ କହିଥିଲେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ସନ୍ନ୍ୟାସୀ ଯୋଗଦେଇ ଧ୍ୟାନରେ ଗଭୀର ଆନନ୍ଦ ନେଉଛନ୍ତି। ବହୁ ସନ୍ନ୍ୟାସ ସ୍ୱାମୀ ଜ୍ଞାନ ଅଭିନାଶଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ। ମା' ମାଳତୀ ମିଶ୍ର ଏହି ଶିବିରର ଆୟୋଜନ କରିଥିବା ବେଳେ ମା ସମର୍ପିତା, ମା' ଭାଗ୍ୟଲକ୍ଷ୍ମୀ ସହଯୋଗ କରିଥିଲେ।

### ଘରର ସମସ୍ତେ ମାନସିକ ବିକାରଗ୍ରସ୍ତ

# ଭେଣ୍ଡିଆ ପୁଅ ଗୋଡ଼ରେ ପଡ଼ିଛି ଲୁହା ଶିକୁଳି

**ଅସ୍ତରଙ୍ଗ, ୨୦ ।୧(ସମିସ)**

ଯେଉଁ ବୟସ ରେ ପୁତୁରା ଦାଦାର ସେବା କରିବା କଥା ସେଇ ବୟସରେ ବୃଦ୍ଧ ଦାଦା ତିନି ତିନି ଜଣ ମାନସିକ ବିକାରଗ୍ରସ୍ତ ପରିବାର ଭେଣ୍ଡିଆ ପୁଅର ଗୋଡରେ ବେଡି ପକାଇ ସେବା କରୁଛନ୍ତି। ଏଭଳି ଦୃଶ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ ବରପଦା ଗ୍ରାମରେ ଦେଖିବାକୁ ମିଳିଛି । ଯେଉଁମାନେ ଏହି ଦୃଶ୍ୟ ଦେଖୁଛନ୍ତି ମ୍ରିୟମାଣ ହୋଇଯାଉଛନ୍ତି। ବରପଦା




ଗ୍ରାମର ଦେବେନ୍ଦ୍ର ଲେଙ୍କାଙ୍କ ପୁତୁରା ବଟକୃଷ୍ଣ ଲେଙ୍କା (୪୦) ମାନସିକ ବିକାର ଗ୍ରସ୍ତ ହୋଇଥିବାରୁ ୧୫ବର୍ଷ ହେଲାଣି ଶିକୁଳିରେ ବନ୍ଧା ହୋଇଛନ୍ତି। ବଟକୃଷ୍ଣ ବି. କମ୍ ପାଠ ପଢ଼ିଥିବାରୁ ବୃଦ୍ଧ ବୟସରେ ସାହା ହେବ ପରିବାର ଚଳାଇବ କିନ୍ତୁ ବିଧିରବିଧାନ ଥିଲା ଅଲଗା। ରୋଜଗାର ବଦଳରେ ଶିକୁଳିରେ ବନ୍ଧା ହୋଇ ପଡ଼ିଛନ୍ତି। ବଡଭାଇ ରାଜକିଶୋର ଲେଙ୍କା ଦେହାନ୍ତ ପରେ ରାଜକିଶୋରଙ୍କ ପତ୍ନୀ କାଞ୍ଚନ ବେୱା(୬୦), ଝିଅ ଡଲି ଲେଙ୍କା (୩୫)ଓ ପୁଅ ବଟକୃଷ୍ଣ ଲେଙ୍କା ୪୦)୩ ଜଣ ମାନସିକ ବିକୃତ ହୋଇଥିବା ବେଳେ ଦେବେନ୍ଦ୍ର ସମସ୍ତଙ୍କ ସେବା କରୁଛନ୍ତି ଦେବେନ୍ଦ୍ର ଲେଙ୍କା। ଅନ୍ୟପକ୍ଷରେ ଭଙ୍ଗା ଦଦରା ଘରେ ରହୁଥିବା ଏହି ୩ ମାନସିକ ବିକୃତଙ୍କ ପାଇଁ କୌଣସି ସରକାରୀ ସାହାଯ୍ୟ ସହଯୋଗ ମିଳୁନଥିବା ବୃଦ୍ଧ ଦେବେନ୍ଦ୍ର କହିଛନ୍ତି। ପ୍ରଶାସନ ଏହି ଅସହାୟ ପରିବାର ପ୍ରତି ଦୃଷ୍ଟି ଦେଇ ସୁବନ୍ଦୋବସ୍ତ କରାଇଲେ ଅସହାୟ ପରିବାର ହେଉଥିବା କଳବଳରୁ ମୁକ୍ତି ପାଇପାରନ୍ତେ ବୋଲି ସ୍ଥାନୀୟ ଲୋକ କୁହନ୍ତି।

## ଭାଷା-ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ

**ଗମ୍ଭାରୀପଦା/କାକଟପୁର, ୨୦ ।୧(ସମିସ):** କାକଟପୁର ମଙ୍ଗଳା ମହାବିଦ୍ୟାଳୟଓ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଶା ଭାଷା ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର, ପ୍ରସାର ନିମନ୍ତେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ କଲେଜର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ତ୍ରିପାଠୀ କୁଇଜ୍, ବକ୍ତୃତା, ହସ୍ତାକ୍ଷର, କବିତା ଲିଖନ, ଗଳ୍ପ ଲିଖନ, ବ୍ୟାକରଣ ଦକ୍ଷତା, ଓଡ଼ିଆ ସାହିତ୍ୟ ସମ୍ପର୍କିତ ବିତର୍କ ଗୀତ ଓ ନୃତ୍ୟ




ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ଜଗନ୍ନାଥ ଦୀକ୍ଷିତ, ଅଧ୍ୟାପକ ସଂଗ୍ରାମ ଛାଟୋଇ, ଅଧ୍ୟାପକ ସୁକାନ୍ତ ମହାରଣା, ଅଧ୍ୟାପକ ଜ୍ୟୋତି ପ୍ରକାଶ ପଲେଇଙ୍କ ସମେତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ । ଇଂରାଜୀ ବିଭାଗ ଅଧ୍ୟାପିକା ବେଞ୍ଜୁଲତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ।

## ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ

**ପିପିଲି, ୨୦ ।୧(ସମିସ)**

ପିପିଲି ବ୍ଲକ ନହଳାପଡ଼ା ହାଇସ୍କୁଲରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟରେ ଜିଜ୍ଞାସା ସୃଜନୀ କ୍ରୀଡ଼ାଙ୍ଗନ ଓ କୌଶଳୀ ଆଦି ୪ଟି ବିଭାଗ ଗଠନ କରାଯାଇଛି। ଏହି କ୍ଲବର ଛାତ୍ରଛାତ୍ରୀଙ୍କୁ ନେଇ ସେମାନଙ୍କ ମଧ୍ୟରେ ସୃଜନଶିଳତା ଉତ୍ସବ ଅନୁଷ୍ଠିତ କରାଯାଉଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାଦନ ଶିକ୍ଷକ ଅମୀୟ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ବିଦ୍ୟାଳୟ ବରିଷ୍ଠ ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଶ୍ରଦ୍ଧାଞ୍ଜଳୀ ମଲ୍ଲିକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ନାଏବ



ସରପଞ୍ଚ ବିଜୟ କୁମାର ପ୍ରଧାନ ସମିତି ସଭ୍ୟଙ୍କ ପ୍ରତିନିଧି ଦେବେନ୍ଦ୍ର ବେହେରା ବିଲିପଡ଼ା ପ୍ରଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରମିଳା ପଣ୍ଡା, ସହକାରୀ ଶିକ୍ଷୟତ୍ରୀ ଗୀତାଞ୍ଜଳୀ ଦାଶ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସୃଜନୀ ମେଣ୍ଟର ମୁଖ୍ୟ ସନ୍ତୋଷ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉପକରଣ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟତଃ ବିଜ୍ଞାନ ସାହିତ୍ୟ ସୃଜନୀ ଗଣିତ ଏବଂ କ୍ରୀଡ଼ାଙ୍ଗନ ରେ ୧୮୦ଟି ପ୍ରକଳ୍ପକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଦର୍ଶିତ କରିଥିଲେ। ଅତିଥିମାନେ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ମହପାତ୍ର, ଅନ୍ୟତମ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ, ବିଦ୍ୟାଳୟର ପରିଚଳନା କମିଟିର ସଭାପତି ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

## ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ ସୃଜନଶୀଳ କାର୍ଯ୍ୟକ୍ରମ



**ଡେଲାଙ୍ଗ, ୨୦ ।୧(ସମିସ)**

ଡେଲାଙ୍ଗ ବ୍ଲକ କଲ୍ୟାଣପୁର ସ୍ଥିତ ପ୍ରଦୀପ ମହାରଥି ବାଳିକା ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ ସୃଜନଶୀଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ସାହିତ୍ୟ ସହିତ ବିଭିନ୍ନ କ୍ରୀଡା, ସଙ୍ଗୀତ, ଚିତ୍ରାଙ୍କନ, ସାଂସ୍କୃତିକ, ଗଳ୍ପଲିଖନ, ବିଜ୍ଞାନ ଆଦି କ୍ଷେତ୍ରରେ ରୁଚି ରଖିଲେ ସାମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳୀ ସାମନ୍ତରାୟ ମତବ୍ୟକ୍ତ କରିଥିଲେ। ମଣ୍ଡଳ ସହ ଶିକ୍ଷାଧିକାରୀ ସଂଯୁକ୍ତା ମିଶ୍ର, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ, ଅଭିନାନନ୍ଦ ପ୍ରଧାନ, ସିଆରସିସି କୃତିବାସ ପରିଡ଼ା, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ସେଠୀ ପ୍ରମୁଖଙ୍କ ସହିତ ଆଭିଭାବକ ମାନେ ଯୋଗଦେଇ ଛାତ୍ରୀମାନଙ୍କ ଅନ୍ତର୍ନିହିତ କଳା ଓ ସାମାଜିକ କ୍ଷେତ୍ରରେ ଦକ୍ଷତା କିପରି ପରିପ୍ରକାସ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାହିତ୍ୟ ସୃଜନୀ, କ୍ରୀଡାଙ୍ଗନ, ଜିଜ୍ଞାସା, କୌଶଳୀ ଆଦି ୪ଟି ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ଓ ସିଲକପ ପ୍ରଦାନ ପୂର୍ବକ ପ୍ରଧାନ ଶିକ୍ଷୟତ୍ରୀ ସମ୍ବର୍ଦ୍ଧନା କରିଥିଲେ।

## ବିଦ୍ୟାଳୟସ୍ତରୀୟ ସୃଜନଶୀଳତା ଉତ୍ସବ



**ନିମାପଡ଼ା, ୨୦।୧(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ନହନ୍ତରା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଚିତ୍ତ ରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଳନ୍ଧର ସ୍ୱାଇଁ.ଉକ୍ତ ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରେମାନନ୍ଦ ସାହୁ, ଅନିଲ ସ୍ୱାଇଁ, ମୋସ୍କୁଲ ଆଲୁମିନି ସଭାପତି ନୃସିଂହ ଚରଣ ରାଉତରାୟ, ବିଦ୍ୟାଳୟ କମିଟିର ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ରକଳ୍ପ ଗଳ୍ପ କାହାଣୀ ଆଦି ପ୍ରଦର୍ଶନ ଓ ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

## ଦାମୋଦର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଚାରିଛକ, ୨୦।୧( ସମିସ):** ଚାରିଛକ ନିକଟସ୍ଥ ଟଂପାଳୋସ୍ଥିତ ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡାଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ ସଭାପତିତ୍ୱ କରି କ୍ରୀଡା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ । କ୍ରୀଡ଼ା ଶିକ୍ଷକ ନେତ୍ରାନନ୍ଦ ବାରିକ କ୍ରୀଡ଼ାକୁ ପରିଚାଳନା କରିଥିବା ବେଳେ, ଦିହୁଡା ହାଇସ୍କୁଲର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଶ୍ରୀଧର ପ୍ରଧାନ, ଶିକ୍ଷକ ଶିଶିରେନ୍ଦ୍ର ସାମନ୍ତରାୟ, ଶୁଭଲକ୍ଷ୍ମୀ ବେହେରା, ତିତିକ୍ଷା ବେହେରା, ଜ୍ୟୋତିର୍ମୟୀ ଦୀକ୍ଷିତ, ସଙ୍ଗୀତା ବେହେରା, ପୁଷ୍ପିତା ମାଝି, ସନ୍ଧ୍ୟାରାଣୀ ସେଠୀ, ସୁଚିସ୍ମିତା ଦାସ, ପ୍ରଭାରାଣୀ ମହାପାତ୍ର, ନୟନା ସାହୁ ଓ ସଙ୍ଗୀତ ସନ୍ଧ୍ୟା ପଟଲେ ଉପସ୍ଥିତ ରହି ବିଚାରକ ଭାବେ ସହଯୋଗ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ପିଲାମାନଙ୍କ ଦ୍ୱାରା ଲିଖିତ ଓ ପ୍ରଦର୍ଶିତ ପୁସ୍ତକମେଳା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ ଦାଶ ପରିଦର୍ଶନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସସ୍ମୀତା ଖଟୋଇଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

## ଚନ୍ଦ୍ରଭାଗାରେ ପହଞ୍ଚିଲା ସୂର୍ଯ୍ୟରଥ; ବାହୁଡ଼ିବ ମାଘ ସପ୍ତମୀରେ

**କୋଣାର୍କ, ୨୦ ।୧(ସମିସ):** ପବିତ୍ର ଶାମ୍ବ ଦଶମୀରେ କୋଣାର୍କ ଅବଧୂତ ମଠ ପରିସର ହୋଇଉଠିଥିଲା ଉତ୍ସବମୁଖର। ଏହିତିଥିରେ ରଥରେ ମିତ୍ରାଦିତ୍ୟଙ୍କୁ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୂନର୍ଜନ୍ମ ହୋଇନଥାଏ ବୋଲି ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି । ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟ ନାରାୟଣ ଚନ୍ଦ୍ରଭାଗା ତୀର୍ଥକ୍ଷେତ୍ରକୁ ୨୭ଦିନ ଯାତ୍ରାରେ ବାହାରିଛନ୍ତି। ଏକ ଆଧ୍ୟାତ୍ମିକ ପରିବେଶରେ ଘଣ୍ଟ, ଘଣ୍ଟା, ଶଙ୍ଖ ହୁଳହୁଳି ଓ ହରିବୋଲ ନାଦରେ ପ୍ରକମ୍ପିତ ହୋଇଉଠିଥିଲା ଅର୍କକ୍ଷେତ୍ର। ଦଶମୀ ତିଥିରେ ଶାମ୍ବ ଦଶମୀ ଓ ସୂର୍ଯ୍ୟ ନାରାୟଣଙ୍କ ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି। ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରା ଭୋଗ, ଖେଚୁଡ଼ି, ପୋଡପିଠା ଭୋଗ ଓ ପୂଜାର୍ଚ୍ଚନା କରାଯାଇ ମଠରୁ ସୂର୍ଯ୍ୟଦେବଙ୍କୁ



ରଥାରୂଢ଼ କରାଯାଇଥିଲା। ଅନନ୍ତ ଅବଧୂତ ମଠର ମହନ୍ତ ଆଦିତ୍ୟ ଦାସ ରଥରେ ଛେରା ପହଁରା କରିଥିଲେ। ଛେରାପହଁରା ନୀତି ସମ୍ପନ୍ନ ପରେ ଦିନ ୧୧ଟାରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥକୁ ଚନ୍ଦ୍ରଭାଗା ଅଭିମୁଖେ ଟାଣି ନେଇଥିଲେ। ଚନ୍ଦ୍ରଭାଗା ତୀର୍ଥରେ ୨୭ଦିନ ଧରି ୨୭ ନକ୍ଷତ୍ରରେ ପୂଜାପାଠ ହେବ। ପବିତ୍ର ମାଘ ସପ୍ତମୀରେ ସୂର୍ଯ୍ୟ ନାରାୟଣ ରଥରେ ଅବଧୂତ ମଠକୁ ବାହୁଡ଼ି ଆସିବେ। ଏହି ଅବସରରେ ସୌରବ୍ରାହ୍ମଣ ପରିଷଦ ପକ୍ଷରୁ ୩ଦିନିଆ ସୌରଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଅର୍କକ୍ଷେତ୍ର ଗାୟତ୍ରୀ ପରିବାର ଓ ସୌର ବ୍ରାହ୍ମଣ ପରିଷଦର କର୍ମକର୍ତ୍ତା ସହଯୋଗ କରିଥିଲେ।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ 'ମୋ କଥା ମୋ କାହାଣୀ'

**ସାକ୍ଷୀଗୋପାଳ, ୨୦ ।୧(ସମିସ)**

ଐତିହାସିକ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ 'ମୋ କଥା ମୋ କାହାଣୀ' ଶୀର୍ଷକ ସୃଜନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନେ ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପ୍ରାୟ ୧୪୦ ପିଲାମାନେ ଏଥିରେ ଉତ୍ସବରେ ଅଂଶ ଗ୍ରହଣ କରିବା ସହ ଏକ ପୁସ୍ତକ ମେଳାର ଆୟୋଜନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ



ପ୍ରଣବ କୁମାର ମିଶ୍ରଙ୍କ ସହ ପ୍ରାକ୍ତନ ଶିକ୍ଷୟିତ୍ରୀ ସୁନନ୍ଦା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳିନା କମିଟିର ସଭାପତି ଚକ୍ରଧର ମହାରଣା ଓ ଉପସଭାପତି ବର୍ଷାରାଣୀ ମେକାପ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତି ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ । ସଭା କାର୍ଯ୍ୟରେ ସଭାପତିତ୍ୱ କରିଥିଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ। ଓଡ଼ିଆ ଭାଷା ଓ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଦ୍ୱାରା ବିଦ୍ୟାଳୟରେ ହେଉଥିବା ସୃଜନଶିଳ ଉତ୍ସବର ଯଥେଷ୍ଟ ମୂଲ୍ୟ ଅଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସୃଜନୀ କ୍ଲବର ଛାତ୍ରଛାତ୍ରୀମାନେ ସ୍ୱ ରଚିତ ପାଣ୍ଡୁଲିପି ଗୁଡିକ ଆଣି ପୁସ୍ତକ ମେଳା କରିଥିବା ବେଳେ କ୍ରିଡାଙ୍ଗନ, ଜିଜ୍ଞାସା ଓ କୌଶଳୀ କ୍ଲବର ଛାତ୍ରଛାତ୍ରୀମାନେ ସେମାନଙ୍କ ସନ୍ଦର୍ଭ ପ୍ରୋଜେକ୍ଟ ଆଦି ଉପସ୍ଥାପନ କରିଥିଲେ। ବିଚାରକ ଭାବେ ସୌଦାମିନି ନାୟକ, କୃଷ୍ଣ ପ୍ରିୟା ଦାଶ, ପୂଜା ମିଶ୍ର ଓ ବିଶ୍ୱନାଥ ସ୍ୱାଇଁ, ଶିକ୍ଷକ ଚିନ୍ମୟ ଜେନା, ବସନ୍ତ ସ୍ୱାଇଁ, ମୃତ୍ୟୁଞ୍ଜୟ ମହାପାତ୍ର ତଥା ଶିକ୍ଷୟିତ୍ରୀ ପୁନମ କୁଜୁରୁ, ପ୍ରିତିକ୍ଷା ମିଶ୍ର, ନିହାରିକା ସେନାପତି, ତପସ୍ୱିନୀ ତ୍ରିପାଠୀ, ଉର୍ମିଳା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବେତେଣ୍ଡା ଗାଁରେ ଗଞ୍ଜେଇ କାରବାର

**ନୟାହାଟ, ୨୦ ।୧(ସମିସ):** ନୟାହାଟ ଠାରୁ ଦୁଇ କିଲୋମିଟର ଦୂରରେ ନିଆଳି ଥାନା ଅନ୍ତର୍ଗତ ବେତେଣ୍ଡା ଗ୍ରାମରେ ଲକ୍ଷଲକ୍ଷ ଟଙ୍କାର ଗଞ୍ଜେଇ ଦୈନିକ କାରବାର କରୁଥିଲେ ମଧ୍ୟ ସ୍ଥାନୀୟ ପୁଲିସ ଓ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋହେଉଛି। ସେଠାରେ ପ୍ରତିଦିନ ସକାଳୁ ରାତି ପର୍ଯ୍ୟନ୍ତ ଖୁଚୁରା ଗଞ୍ଜେଇ ବ୍ୟବସାୟୀଙ୍କ ଦୁଇ ଚକିଆ ଗାଡି ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି । ସେଠାରୁ ନୟାହାଟ କେତେକ ଅଞ୍ଚଳକୁ ଜଞ୍ଜେଇ ଚୋରା ଚାଲାଣ କରାଯାଉଛି। ଗତ ଦୁଇ ବର୍ଷ ତଳେ ଏହିଠାରୁ ୫୨ କେଜି ଗଞ୍ଜେଇ ଜବତ କରି ଚୋରା ଗଞ୍ଜେଇ ବେପାରୀକୁ ଜେଲେ ପଠାଇଥିଲେ ।ଉକ୍ତ ଗଞ୍ଜେଇ ବେପାରୀ ଜେଲରେ ୬ ମାସ ରହିଥିଲେ । ଜେଲରୁ ଆସିବା ପରେ ପୁଣି ବେପାର କରୁଥିବା ଅଞ୍ଚଳରେ ଅଭିଯୋଗ ହେଉଛି । କେତେକ ଯୁବ ଗୋଷ୍ଠୀ ନିଶା ପ୍ରତି ଆକୃଷ୍ଟ ହେଉଥିବା ବେଳେ ଗ୍ରାମାଞ୍ଚଳେ ଛୋଟ ବଡ଼ ଚୋରି କରୁଛନ୍ତି ବୋଲି ଅଞ୍ଚଳରେ ଅଭିଯୋଗ ହେଉଛି। ଏଦିଗରେ କଟକ ସଦର ଏସ୍‌ପି ଓ ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

**ନୟାହାଟ, ୨୦ ।୧(ସମିସ):** ଶନିବାର ଦିନ ରାତ୍ର ୧୦ଘଟିକା ସମୟରେ ନୟାହାଟ ଫାଣ୍ଡି ଆଗରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ବ୍ୟକ୍ତି ଜଣକ ଚାରିଛକ ଥାନା ତୁଳସୀପୁର ହୋଇଥିବା ବେଳେ ଅନ୍ୟ ଜଣଙ୍କ ନୟାହାଟ ଫାଣ୍ଡି ଅଧିନସ୍ତ ନରସିଂହପୁର ଶାସନ ଗ୍ରାମର ବୋଲି ଜଣାପଡ଼ିଛି । ରକ୍ତାକ୍ତ ଅବସ୍ଥାରେ ୧୦୮ ଯୋଗେ ତୁଳସୀପୁର ଅଞ୍ଚଳର ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାର ୨ଟି ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି।

## ବାଙ୍ଗୁରିଗାଁରେ ଖୋଲିଲା ଧାନମଣ୍ଡି

**ବାଙ୍ଗୁରିଗାଁ, ୨୦ ।୧(ସମିସ):** କାକଟପୁର ବ୍ଲକ ବାଙ୍ଗୁରିଗାଁ ସେବା ସମବାୟ ସମିତି ଧାନମଣ୍ଡି ବାଙ୍ଗୁରିଗାଁ ଠାରେ କାକଟପୁର ବ୍ଲକ ଯୋଗାଣ ଅଧିକାରୀ ସୁଧାକର ମଲ୍ଲିକ, ଆରଏମସି ନିମାପଡ଼ା ସମ୍ପାଦକ ସୁଶାନ୍ତ ରାଉତ, ସମିତିର ସଭାପତି ବିଜୟ କୁମାର ଖଟୋଇ, ସମିତି ସମ୍ପାଦକସୁନାକର ରାଉତ, ସମିତିର ପରିଚାଳନା ପରିଷଦ ସଦସ୍ୟ କଲ୍ୟାଣ କୁମାର ପ୍ରଧାନ, ମାଗୁଣି କାଣ୍ଡି, ଯୋଗେନ୍ଦ୍ର ସାହୁ, ସୁରେଶ ପ୍ରଧାନଙ୍କ ସମେତ ଶହେରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତରେ ମଣ୍ଡି ଉଦ୍‌ଘାଟିତ ହୋଇଥିଲା ।ପ୍ରଥମ ଦିନ ୨୦ଜଣ ଚାଷୀଙ୍କ ଠାରୁ ୫୦୧.୨୦ କୁଇଣ୍ଟାଲ ଧାନ ସଂଗୃହିତ ହୋଇଥିବା ସମ୍ପାଦକଙ୍କ ଠାରୁ ପ୍ରକାଶ ।

## ଆର୍ତ୍ତତ୍ରାଣ ବିଦ୍ୟାପୀଠର ରଜତ ଜୟନ୍ତୀ ଉତ୍ସବ



**ଅସ୍ତରଙ୍ଗ, ୨୦ ।୧(ସମିସ):** ଅସ୍ତରଙ୍ଗ ବ୍ଲକ ଆର୍ତ୍ତତ୍ରାଣ ବିଦ୍ୟାପୀଠ, ଅନନ୍ତା-ବରାଙ୍ଗର ରଜତ ଜୟନ୍ତୀ ଉତ୍ସବ ପାଳନ ହେଉଛି । ସ୍କୁଲର ପ୍ରତିଷ୍ଠାତା ପଞ୍ଚାନନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ଡ.ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା କାକଟପୁର ବିଧାୟକ ତଥା ସୌରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଶିକ୍ଷାବିତ୍ ସୁବ୍ରତ କୁମାର ଛାଟୋଇ, ଜିଲ୍ଲାପରିଷଦ ସଭ୍ୟା ବନିତା ବେହେରା, ସ୍ଥାନୀୟ ସରପଞ୍ଚ ଶ୍ରୀୟା ବରାଳ, ସମିତିସଭ୍ୟା ଟିକିନା ଜେନା ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ, ଗୋଷ୍ଠୀ ନୃତ୍ୟ, ଆଦିବାସୀ ଓ ଶିବ ତାଣ୍ଡବ ନୃତ୍ୟ, ଗୋଟିପୁଅ ଓ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ମୁଗ୍ଧ ହୋଇଥିଲେ ।ଅନ୍ୟପକ୍ଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଶୁଭେଚ୍ଛୁବୃନ୍ଦ ଯୋଗଦେଇ ସହଯୋଗ କରିଥିଲେ। କିନ୍ତୁ କେତେକ ପୁରାତନ ଛାତ୍ରଙ୍କୁ କାର୍ଯ୍ୟକ୍ରମକୁ ଡାକି ନଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଅର୍କକ୍ଷେତ୍ରରେ ଆଧ୍ୟାତ୍ମିକ ଶୋଭାଯାତ୍ରା ମନ୍ଦିର ପରିସରରେ ସୂର୍ଯ୍ୟପୂଜା କଲେ ଶ୍ରଦ୍ଧାଳୁ

**କୋଣାର୍କ, ୨୦ ।୧(ସମିସ):** ଶନିବାର ଶାମ୍ବଦଶମୀ ତିଥିରେ ସୌରମହାଯଜ୍ଞ ପରିଚାଳନା ସମିତି ପକ୍ଷରୁ ଏକ ବିଶାଳ ଆଧ୍ୟାନିକ ଶୋଭାଯାତ୍ରାରେ ସୂର୍ଯ୍ୟମନ୍ଦିର ବେଢ଼ା ପରିକ୍ରମା କରିବା ସହିତ ଜଗମୋହନରେ ଆଜି ଦିନକ ପାଇଁ ସୂର୍ଯ୍ୟପୂଜା କରାଯାଇଥିଲା। ଏହି ଅବସରରେ ତ୍ରିଦିବସୀୟ ସୌରମହାଯଜ୍ଞର ପୂର୍ଣ୍ଣାହୂତି



ସମ୍ପନ୍ନ ହୋଇଛି । ଜଗନ୍ନାଥ ମନ୍ଦିର ସନ୍ନିକଟ ସୌରମହାଯଜ୍ଞ ପୀଠରୁ ୫ଶହରୁ ଅଧିକ ଶ୍ରଦ୍ଧାଳୁ ଘଣ୍ଟ ମର୍ଦ୍ଦଳ ଓ ସଂକୀର୍ତ୍ତନ ଶୋଭାଯାତ୍ରାରେ ଯାଇ ସୂର୍ଯ୍ୟମନ୍ଦିରରେ ପହଞ୍ଚିଥିଲେ । ବେଢ଼ା ପରିକ୍ରମା କରିବା ପରେ ଜଗମୋହନ ଦ୍ୱାରରେ ସୂର୍ଯ୍ୟଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସୌର ମହାଯଜ୍ଞ କମିଟିର ସଭାପତି ଭାଗିରଥୀ ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ଶରତ ମଲ୍ଲ, ରଘୁନାଥ ମହାପାତ୍ର, ପ୍ରିୟ ରଞ୍ଜନ ରଥ, ନିରଞ୍ଜନ ତ୍ରିପାଠୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ। ଶାମ୍ବଦଶମୀ ଅବସରରେ କୋଣାର୍କରେ ସାଧୁସନ୍ଥମାନଙ୍କ ସମାଗମ ହୋଇଥିଲା ।

## ବିଦ୍ୟୁତ୍ ବିଭାଗର ଅବହେଳାକୁ ନେଇ ଅସନ୍ତୋଷ

**କୁଣ୍ଢେଇ, ୨୦ ।୧ (ସମିସ):** କାକଟପୁର ଅଞ୍ଚଳରେ ବିଦ୍ୟୁତ ବିଭାଗର ଅବହେଳାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ବାରମ୍ବାର ଅବଗତ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଲ୍‌ଟି ବିଦ୍ୟୁତ ତାର ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ଝୁଲି ରହିଛି। ମୂଳାଗଡ଼ ଛକ ତହସିଲ ଠାରୁ କୁଣ୍ଢେଇ ଯିବା ରାସ୍ତା କଡ଼ରେ ଥିବା ଏଚ୍‌ଟି ଖୁଣ୍ଟି ନଂ-୧୪୧୨-୧୮ ରୁ ଏଲ୍‌ଟି ଖୁଣ୍ଟି ନଂ-୧୪୧୨-୧୭ ମଧ୍ୟରେ ଥିବା ଏଲ୍‌ଟି ଲାଇନ୍ ତାର ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ଝୁଲି



ରହିଛି। ଫଳରେ ଏହି ରାସ୍ତା ଦେଇ ତହସିଲ ଅଫିସକୁ ବିଭିନ୍ନ କାର୍ଯ୍ୟ ନେଇ ଲୋକମାନେ ଓ ସ୍କୁଲ କଲେଜ ଯିବା ଆସିବା କରିବାକୁ ଛାତ୍ରଛାତ୍ରୀ ଭୟ କରୁଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଝୁଲି ଥିବା ତାରକୁ ଉପରକୁ ଉଠାଇ ନେବାକୁ ଦାବି କରିଛନ୍ତି ଶ୍ରୀରାମପୁର ଗ୍ରାମବାସୀ । ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସମସ୍ୟା ପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନରେ ଅନିୟମିତତା

# ଛୁଟି ନେଇ ନୟାଗଡ଼ ଛାଡ଼ିଲେ ଜିଲ୍ଲା ଶ୍ରମ ଅଧିକାରୀ

ନୟାଗଡ଼, ୨୦।୧(ସମିସ): ନୟାଗଡ଼ ଜିଲ୍ଲା ଶ୍ରମ ବିଭାଗରେ ବ୍ୟାପକ ଅନିୟମିତତାକୁ ନେଇ ଶ୍ରମିକନେତାଙ୍କ ସହ ସୃଷ୍ଟି ହୋଇଥିବା ବିବାଦ ଦିନକୁ ଦିନ ଉଗ୍ରରୂପ ଧାରଣ କରିଛି। ଗତକାଲି ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ବାସୁଦେବ ମହାନ୍ତି, ରଘୁନାଥ ମହାରଣାଙ୍କୁ ନୟାଗଡ଼ ଟାଉନଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରୁ ୩ ଜଣ ଶ୍ରମିକନେତା ଜାମିନରେ ମୁକ୍ତ ହୋଇଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଆଜି ଛୁଟି ନେଇ ନୟାଗଡ଼ ଛାଡ଼ି ଚାଲି ଯାଇଥିବା ସୂଚନା ମିଳିଛି।

ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ରାଉତ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନରେ ବ୍ୟାପକ ଅନିୟମିତତା କରିଛନ୍ତି। ଯାହାର ତଥ୍ୟ ଓ ପ୍ରମାଣ ସହ ଖବର 'ସକାଳ' ୪ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା। ଏହାକୁ ନେଇ ୮ ତାରିଖରେ ଜିଲ୍ଲା ଶ୍ରମ ଅଧିକାରୀ ଏବଂ ଶ୍ରମିକ ନେତାଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ବଚସାରୁ ବିବାଦର ଆରମ୍ଭ ହୋଇଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖକୁ ଏକ ଧମକପୂର୍ଣ୍ଣ ଚିଠି ଆସିଥିଲା। ଉକ୍ତ ଚିଠି ଫତେଗଡ଼ ଅଞ୍ଚଳର ରବୀନ୍ଦ୍ର କୁମାର ମହାପାତ୍ର ନାମକ ଜଣେ ବ୍ୟକ୍ତି ପଠାଇଥିବା ଉଲ୍ଲେଖ ରହିଥିଲା। କିନ୍ତୁ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ରାଉତ ନୟାଗଡ଼ ଟାଉନଥାନାରେ ତାଙ୍କୁ ମାଡ଼ ମରାଯାଇଥିବା ନେଇ ଉକ୍ତ ୩ ଜଣ ଶ୍ରମିକ ନେତାଙ୍କ ନାମରେ ଏତଲା ଦେଇଥିଲେ। ଏହାକୁ ନେଇ ଟାଉନଥାନା ପୁଲିସ ମାମଲା ରୁଜୁ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଗତକାଲି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ପରେ ଜାମିନରେ ଛାଡ଼ ପାଇଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଅନିୟମିତତା କରି ଜଣେ ଶ୍ରମିକଙ୍କୁ ୨ ପ୍ରକାରର 'ଶ୍ରମିକ କାର୍ଡ' ପ୍ରଦାନ କରିଛନ୍ତି। ପୂର୍ବରୁ 'ଅଣସଂଗଠିତ ଶ୍ରମିକ' ଭାବେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ପରିଚୟପତ୍ର ପାଇଥିବା ଶ୍ରମିକଙ୍କୁ ପୁନଃ 'ନିର୍ମାଣ ଶ୍ରମିକ' ପରିଚୟପତ୍ର ପ୍ରଦାନ କରାଯାଇଛି। ଏକ ବଡ଼ଧରଣର ଘୋଟାଲା ଚାଲିଥିବା ପ୍ରମାଣ ମିଳିଛି। ଅର୍ଥ ଲୋଭରେ ଦଲାଲଙ୍କୁ ପ୍ରଶୟ ଦେଇ ଶ୍ରମ ଆଇନର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ। ନୟାଗଡ଼ ବ୍ଲକ ରାମଚନ୍ଦ୍ରପୁରର ଅଶୋକ ଭୂୟାଁ ଜଣେ ଫାଷ୍ଟଫୁଡ ବିକ୍ରେତା ଭାବେ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ପାଇଥିବା ବେଳେ ପୁନଃ ନିର୍ମାଣ ଶ୍ରମିକ କାର୍ଡ ପାଇଛନ୍ତି। ସେହିଭଳି ଡ୍ରାଇଭର ନିରଞ୍ଜନ ଜେନା ଅଣ ସଂଗଠିତ ଶ୍ରମିକ ପରିଚୟପତ୍ର ପାଇଥିବା ବେଳେ ପୁଣି ମିଥ୍ୟାରେ ନିର୍ମାଣ ଶ୍ରମିକ କାର୍ଡ ପାଇଛନ୍ତି। ସେହିଭଳି ଛାମୁଣ୍ଡିଆର ରଞ୍ଜୁ ବେହେରା ଅଣ ସଙ୍ଗଠିତ ଶ୍ରମିକ କାର୍ଡ ପାଇ ମଧ୍ୟ ନିର୍ମାଣ ଶ୍ରମିକ ଭାବେ ପଞ୍ଜିକୃତ ହୋଇଛନ୍ତି। ହରେକୃଷ୍ଣପୁରର ଅଣସଂଗଠିତ ଶ୍ରମିକ ବୃନ୍ଦାବନ ଜେନା ନିର୍ମାଣ ଶ୍ରମିକ ଏବଂ ରମେଶ ସ୍ୱାଇଁ ନିର୍ମାଣ ଶ୍ରମିକ କାର୍ଡ ପାଇଛନ୍ତି। ଜଣେ ବ୍ୟକ୍ତି ୨ ପ୍ରକାରର ଶ୍ରମିକ ଭାବେ ଗୋଟିଏ ବିଭାଗରେ ପଞ୍ଜିକୃତ କିଭଳି ହୋଇଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାବାସୀଙ୍କ ସହ ଧୋକାବାଜି କରିଥିବା ଶ୍ରମ ଅଧିକାରୀ ଶୁକ୍ରବାର ଅପରାହ୍ନଠାରୁ ନୟାଗଡ଼ କାର୍ଯ୍ୟାଳୟକୁ ଆସିନଥିବା ଜଣାପଡ଼ିଛି। ଶ୍ରମ ବିଭାଗର ଜୈନିକ ଅଧିକାରୀଙ୍କ ସୂଚନାନସୁରେ, ସେ ଛୁଟି ନେଇଥିବା ଜିଲ୍ଲା ବାହାରକୁ ଚାଲି ଯାଇଥିବା ସ୍ପଷ୍ଟ ହୋଇଛି। ଶ୍ରମିକ ନେତାଙ୍କ ବିରୋଧରେ କରିଥିବା ମିଥ୍ୟା ମାମଲା ଏବଂ କେଳେଙ୍କାରୀ ପାହାଡ଼ରୁ ନିଜକୁ ମୁକୁଳାଇବା ପାଇଁ ଶ୍ରମ ଅଧିକାରୀ ଜିଲ୍ଲା ଛାଡ଼ିଥିବା ଆଲୋଚନା ହେଉଛି। ଏନେଇ ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ତାହା ସମ୍ଭବ ହୋଇ ପାରିନାହିଁ।

## ଶାମ୍ବ ଦଶମୀ ଅବସରରେ ସୂର୍ଯ୍ୟପୂଜା



ଓଡ଼ଗାଁ, ୨୦।୧(ସମିସ): ପୌଷ ଶୁକ୍ଳ ଦଶମୀ ଅବସରରେ ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ଘରେ ଘରେ ଶାମ୍ବ ଦଶମୀ ପାଳିତ ହୋଇଯାଇଛି। ଶାମ୍ବ ଦଶମୀ ହେଉଛି ସୂର୍ଯ୍ୟପୂଜାର ଏକ ପ୍ରମୁଖ ପର୍ବ। ବର୍ଷର ବାରମାସ ବିଭିନ୍ନ ପର୍ବପର୍ବାଣୀ ପାଳିତ ହେଉଥିଲେ ମଧ୍ୟ ମୁଖ୍ୟତଃ ଶ୍ରାବଣ ଅମାବାସ୍ୟା ଚିତାଲାଗିଠାରୁ ପୌଷ ଶୁକ୍ଳ ଦଶମୀ ଶାମ୍ବଦଶମୀ ମଧ୍ୟରେ ଅଧିକାଂଶ ପର୍ବ ପାଳିତ ହୋଇଥାଏ। ମାଆ ମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ କାମନା କରି ଶାମ୍ବଦଶମୀ ପର୍ବ ନିଷ୍ଠାର ସହ ପାଳନ କରନ୍ତି। ଅରୁଣୋଦୟ ସମୟରେ ପ୍ରଥମ ଧୂପ ହୁଏ। ମଧ୍ୟାହ୍ନରେ ତେଜୋଦୀପ୍ତ ଭାସ୍କରଙ୍କୁ ମୁଆଁ, ଖିରୀ, ଅଟକାଳି, କାକେରା ଓ ମକର ଚାଉଳ ଇତ୍ୟାଦି ଦ୍ୱିତୀୟ ଧୂପ ଲଗାଯାଇଥାଏ। ଏହା ଶାମ୍ବ ଦଶମୀର ମୁଖ୍ୟ ଧୂପ। ଶେଷଧୂପ ବା ତୃତୀୟ ଧୂପ ହେଉଛି ସନ୍ଧ୍ୟା ସମୟର ଅସ୍ତାଗାମୀ ସୂର୍ଯ୍ୟଦେବଙ୍କ ନିମିତ୍ତ ଖେଚୁଡ଼ି, ତିଅଣ ଓ ମୋଟା ଚକୁଳି ଇତ୍ୟାଦି ଭୋଗ ଲଗା ଯାଇଥାଏ।

## 'ଅନ୍ତର୍ନିହିତ ଗୁଣର ପରିପ୍ରକାଶର ପରିକଳ୍ପନା ସୃଜନଶୀଳ ଉତ୍ସବ'

ଗଣିଆ, ୨୦।୧(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ଚଳିତ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ଅନ୍ତଃନିର୍ହିତ ଗୁଣକୁ ପରିପ୍ରକାଶ ପାଇଁ ପ୍ରତି ଉଚ୍ଚ ବିଦ୍ୟାଳୟରେ ସୃଜନଶୀଳ ଉତ୍ସବର ପରିକଳ୍ପନା କରାଯାଇଛି। ଶନିବାର ଗଣିଆ ବ୍ଲକ ଶିକ୍ଷା ମଣ୍ଡଳ ତରଫରୁ ଛାମୁଣ୍ଡିଆ ଗୁପ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଭାଷା ଓ ସାହିତ୍ୟ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନା କ୍ଲବ ଗଠନ କରାଯାଇଛି। ଏହି ୪ଟି କ୍ଲବ ମାଧ୍ୟମରେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୁଦ୍ରମାଧବ ନାୟକଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣିଆ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ବିଶିଷ୍ଟ ଅତିଥି ଭାବେ ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ନିରୂପମା ମହାପାତ୍ର, ମୋ ସ୍କୁଲ କମିଟିର ସଭାପତି କମଳ ଲୋଚନ ଦଳେଇ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ମୋ କଥା ମୋ କାହାଣୀ, ଚିତ୍ରାଙ୍କନ, ସଙ୍ଗୀତ, କବିତା ଆବୃତ୍ତି, ନୃତ୍ୟ, କୁଇଜ, କ୍ରୀଡ଼ା, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ବାଲ୍ୟ ବିବାହ ଉପସ୍ଥିତ ଅତିଥି ଓ ଅଭିଭାବକଙ୍କୁ ବେଶ୍ ଆକୃଷ୍ଟ କରି ପାରିଥିଲା। ଏହି ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ କୁମାର ପରିଡ଼ା ପରିଚାଳନା କରିଥିଲେ। ଏହି ଉତ୍ସବ ମାଧ୍ୟମରେ କୋମଳମତି ଛାତ୍ରଛାତ୍ରୀମାନେ ସେମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ବିଭିନ୍ନ କଳାଶୈଳୀକୁ ପରିସ୍ଫୁଟନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏହି ଅଭିନବ ପ୍ରୟାସକୁ ଅଭିଭାବକ ମହଲରେ ବେଶ୍ ପ୍ରଶଂସା କରାଯାଉଛି। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।



## ଦୁଇଦିନିଆ କଳାକାର ପ୍ରଶିକ୍ଷଣ ଶିବିର

ଭାପୁର, ୨୦।୧(ସମିସ): ଓଡ଼ିଶାର ଲୋକକଳା ସୁରକ୍ଷା ପାଇଁ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଉଦ୍ୟମ ଆରମ୍ଭ କରାଯାଉଛି। ଏହି କଳାକାରମାନେ କିପରି ଏହାର ପ୍ରଚାର ଓ ପ୍ରସାର କରିବେ ସେ ନେଇ ତିନି ଜଣ ସ୍ୱତନ୍ତ୍ର ପ୍ରଶିକ୍ଷିତ କଳାକାର ଦୁଇଦିନ ପ୍ରଶିକ୍ଷଣ ଦେଇଥିଲେ। ସବିତା ଶୁକ୍ଳା, ଲକ୍ଷ୍ମୀଧର ବଳବନ୍ତରାୟ, ସନାତନ ବାରିକ ଶୁକ୍ରବାର ଓ ଶନିବାର ଦୁଇ ଦିନ ଭାପୁର ବ୍ଲକ ପରିସରରେ ଶତାଧିକ କଳାକାରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ସମାଜିକ ସମ୍ପ୍ରସାରଣ ଅଧିକାରୀ ଅମିତ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ରଣଜିତ କୁମାର ମଲ୍ଲିକ ଯୋଗଦେଇ କେଉଁ ପରି ଭାବରେ ପ୍ରଶିକ୍ଷଣ ପ୍ରଦାନ କରିବେ ସେ ନେଇ ବିସ୍ତୃତ ଭାବେ ମତ ରଖିଥିଲେ। ବରିଷ୍ଠ କଳାକାର ଜୟକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭାପୁର, ୨୦।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ଅଗ୍ରଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମାବତୀ ଗ୍ରାମର ନଟବର ବାଳିକା ଉଚ୍ଚ ବିଦ୍ୟାଳୟ ତାହାର ବାର୍ଷିକ ଉତ୍ସବ ଶନିବାର ପାଳନ କରିଛି। ଏହା ସହ ଶୃଜନଶୀଳତା ଉତ୍ସବ ମଧ୍ୟ ପାଳନ କରିଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ରଣଜିତ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ନାରାୟଣ ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ନନ୍ଦ, ମୋ ସ୍କୁଲ ଅଭିଯାନର ସଭାପତି ମଞ୍ଜୁଳା ବେହେରା, ପୂର୍ବତନ ସରପଞ୍ଚ ତଥା ଗାଁ ସଭାପତି ରବୀନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ କୁମାରୀ ସାହୁ ଓ ପାର୍ବତୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଜୱାନ ପରିବାର କି କାହାନୀ' ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ଅବକାରୀ ବିଭାଗ ଓ ପୁଲିସ ନିରବ

# ମଦ ବ୍ୟବସାୟୀଙ୍କ ଉପରେ ଲଗାମ କେବେ

ନୟାଗଡ଼, ୨୦।୧(ସମିସ): ନୟାଗଡ଼ ଜିଲ୍ଲାରେ ଅବକାରୀ ବିଭାଗ ଓ ପୁଲିସ ମଦ ବ୍ୟବସାୟ ପାଇଁ ପୂରା ନିରବଦ୍ରଷ୍ଟା ଭାବେ ଅଭିନୟ କରୁଛନ୍ତି। ସରକାରୀ ମଦ ଦୋକାନଗୁଡ଼ିକ ନୀତି ଓ ନିୟମକୁ ଅବମାନନା କରୁଥିବା ବେଳେ ଆଦୌ ଦୃଷ୍ଟି ଦିଆଯାଉନାହିଁ। ମଦ ଦୋକାନ ରହିଥିବା ସ୍ଥାନ ତଥା ଆଖପାଖ ଅଞ୍ଚଳରେ ବସବାସ କରୁଥିବା ପରିବାର ଗୁଡ଼ିକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏନେଇ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆମର ପୁଲିସ କଣ କରିବ, ଆମେ ମାସିକିଆ କୋଟା ଦେଉଛୁ କହି ମଦ ବ୍ୟବସାୟୀ ଲୋକଙ୍କୁ ଧମକ ଦେଉଛନ୍ତି। ନୟାଗଡ଼ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଏଭଳି ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ସହର ମଧ୍ୟରେ ରହିଥିବା ଠିପିବନ୍ଦ ମଦ ଦୋକାନଗୁଡ଼ିକ ଠିପିଖୋଲା ପାଲଟିଥିବା ବେଳେ ସଦରଥାନା ଅଞ୍ଚଳରେ ରହିଥିବା ଦୁଇଟି ଦୋକାନକୁ ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ବାଲୁଗାଁ ପୋତାଶଙ୍ଖ ନିକଟରେ ଥିବା ମଦ ଦୋକାନଠାରେ ନିୟମିତ ଭାବେ ମଦ୍ୟପ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ଏବଂ ସେଠାରେ ବସବାସ କରିବା ଅତ୍ୟନ୍ତ ଚିନ୍ତାଜନକ ହୋଇଥିବା ନେଇ ଜୈନିକ ବାସିନ୍ଦା ପୁଲିସ, ଅବକାରୀ ବିଭାଗକୁ ଅବଗତ କରିଥିବା ସୂଚନା ମିଳିଛି। ସମାନ ଭାବେ ମାଳିସାହିଠାରେ ଅବସ୍ଥିତ ଠିପିଖୋଲା ମଦ ଦୋକାନ ପାଇଁ ସ୍ଥାନୀୟ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଏବଂ ପୁଲିସ ବିଭାଗ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ନୟାଗଡ଼ ସହର ମଧ୍ୟରେ ରହିଥିବା ପ୍ରତ୍ୟେକ ଠିପି ବନ୍ଦ ମଦ ଦୋକାନ ଏବେ ଠିପିଖୋଲା ମଦ ଦୋକାନ ପାଲଟିଛି। ବାରମ୍ବାର ଅଭିଯୋଗ ପରେ ବି କେହି କର୍ଣ୍ଣପାତ କରୁନଥିବା ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି। ସାଧାରଣ ଲୋକଙ୍କୁ ଏହି ସମସ୍ୟାରୁ ମୁକ୍ତି ଦେବା ସହ ସାମାଜିକ ଶୃଙ୍ଖଳା ରକ୍ଷା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

**ପ୍ରତି ଦୋକାନ ପାଖରେ ଚାଖଣା ଦୋକାନ**

## ନିଶାଦ୍ରବ୍ୟ ବର୍ଜନ ସଚେତନତା କାର୍ଯ୍ୟକ୍ରମ

ଭାପୁର, ୨୦।୧(ସମିସ): ଜାତୀୟଯୁବ ଦିବସ ଅବସରରେ ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ୱେଲଫେୟାର, ନେହରୁ ଯୁବକେନ୍ଦ୍ର ସଂଗଠନ ନୟାଗଡ଼ ଏବଂ ଆଦର୍ଶ ବିଦ୍ୟାଳୟ ଫତେଗଡ଼ର ମିଳିତ ସହଯୋଗରେ 'ତମାଖୁ ଓ ନିଶାଦ୍ରବ୍ୟ ବର୍ଜନ ସଚେତନତା କାର୍ଯ୍ୟକ୍ରମ' ଫତେଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଫତେଗଡ଼ ଥାନା ଅଧିକାରୀ ସୁଜିତ କୁମାର ଦାସ, ସମ୍ମାନିତ ଅତିଥି ଅଧ୍ୟକ୍ଷା ପଦ୍ମିନୀ ବାରିକ, ଫତେଗଡ଼ ହୋମିଓପାଥିକ ଚିକିତ୍ସାଳୟର ଡାକ୍ତର ସୁଚିତ୍ରା ଦଳେଇ, ସାମ୍ବାଦିକ ଶିଶିର ସାହୁ, ସରପଞ୍ଚଙ୍କ ପ୍ରତିନିଧି ଅଭୟ ସେଠୀ ଏବଂ ସି.ୱାଇଏସଡବ୍ଲ୍ୟୁର ସମ୍ପାଦକ ନିତୁ ରଞ୍ଜନ ଦାଶ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟର ପ୍ରକାର, ଏହାର ଶାରୀରିକ ଓ ମାନସିକ ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀମାନେ ଅଭିନୟ ମାଧ୍ୟମରେ ନିଶାଦ୍ରବ୍ୟର ଅପକାରିତା ସମ୍ପର୍କରେ ନାଟକ ମଞ୍ଚସ୍ଥ କରିଥିଲେ। 'ସେ ନୋ ଟୁ ଡ୍ରଗ୍‌ସ' ଅଭିଯାନରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅତିଥି ଓ ଛାତ୍ରମାନେ ଦସ୍ତଖତକରି ସମୂହ ଶପଥପାଠ କରିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରଘୁନାଥ ଜୀଉଙ୍କ ମନ୍ଦିରରେ ଯଜ୍ଞ ଆରମ୍ଭ



ଓଡ଼ଗାଁ, ୨୦।୧(ସମିସ): ଓଡ଼ଗାଁଠାରେ ସ୍ୱର୍ଣ୍ଣ କଳସ କ୍ଷେତ୍ର ଅଧୀଶ୍ୱର ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ପରିସରରେ ଅଯୋଧ୍ୟାରେ ନବନିର୍ମିତ ମନ୍ଦିର ଓ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ସ୍ଥାପନ ଏବଂ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଜୟ ଶ୍ରୀରାମ ସେବା ସମିତି, ଓଡ଼ଗାଁ ଆନୁକୂଲ୍ୟରେ ରାମତାରକ ଯଜ୍ଞାନୁଷ୍ଠାନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଓଡ଼ଗାଁ ରଘୁନାଥଙ୍କ ପୀଠରେ ଅନୁଷ୍ଠିତ ଯଜ୍ଞ କାର୍ଯ୍ୟକ୍ରମ ୩ ଦିନ ଧରି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମନ୍ଦିର ରୋଡ୍ ମୁଖ୍ୟ ଫାଟକକୁ ଫୁଲରେ ସଜା ଯାଇଛି। ଶନିବାର ସକାଳେ ରାମ ସାଗର ପୁଷ୍କରିଣୀରେ କଳସ ପୂଜନ ପରେ ମସ୍ତକରେ କଳସ ଧାରଣ କରି ଲୋକେ ନଗର ପରିକ୍ରମା କରିବା ପରେ ଯଜ୍ଞବେଦୀରେ ସ୍ଥାପନା ହୋଇଥିଲା। ବୈଦିକ ବ୍ରାହ୍ମଣ ହରିବନ୍ଧୁ ଷଡ଼ଙ୍ଗୀ, ଶାନ୍ତନୁ ଦାଶ, ଶିବ ଷଡ଼ଙ୍ଗୀ, ଦୁର୍ଗା ଷଡ଼ଙ୍ଗୀ, ଦିଲ୍ଲୀପ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାବିଧି ସମ୍ପୂର୍ଣ୍ଣ ହୋଇଥିଲା। ଅପରାହ୍ନରେ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ସତ୍ୟନାରାୟଣ ନାୟକ ଦମ୍ପତି କର୍ତ୍ତା ଭାବେ କାର୍ଯ୍ୟ ସମାପନ କରିଥିଲେ। ସନ୍ତୋଷ ପ୍ରଧାନ, ସୁଶାନ୍ତ କୁମାର ସାହୁ, ବିଷ୍ଣୁ ପ୍ରସାଦ ଭଞ୍ଜ, ଶୁରେଶ ସାମନ୍ତରାୟ, ଶ୍ରୀମନ୍ତ ମହାରଣା, ବିଜୟ କୁମାର ଦାଶ, ମାନସ ସାହୁ, ତପନ ସାମନ୍ତରା, ସୁକାନ୍ତ ସାହୁ, କାର୍ତ୍ତିକ ପଣ୍ଡା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

## ଦଶପଲ୍ଲା କପ୍ ଫୁଟବଲ୍: ଫାଇନାଲରେ କୋଲକାତା

ଦଶପଲ୍ଲା, ୨୦।୧(ସମିସ): ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆଜି ଶୋଧପୁର କ୍ଲବ, କୋଲକାତା ଓ ଡିଏମ୍‌ଏସ୍‌ଏଫ୍ ଚକ୍ରଧରପୁର, ଝାଡ଼ଖଣ୍ଡ ମଧ୍ୟରେ ଖେଳା ଯାଇଥିଲା। ଟ୍ରାଇବେକର ସାହାଯ୍ୟରେ ଶୋଧପୁର କ୍ଲବ, କୋଲକାତା ୪-୩ ଗୋଲରେ ବିଜୟ ଲାଭ କରିବା ସହ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା। ଲାଇନ୍ସରେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ କୁମାର ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଫୋର୍ଥ ଅଫିସିଆଲରେ ଶୈଳେନ୍ଦ୍ର ମହାକୁଡ଼ ସହଯୋଗ କରିଥିଲେ। ଅତିଥି ଭାବେ ଦଶପଲ୍ଲା ଠିକାଦାର ସଙ୍ଘର ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।



## ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ଭାପୁର, ୨୦।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଏକ କର୍ମକର୍ତ୍ତା ଚୟନ ବୈଠକ ଶାଳପଡ଼ା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ସଂଘର ସଭାପତି ପ୍ରସନ୍ନ କୁମାର ଲେଙ୍କାଙ୍କ ଆହ୍ୱାନରେ ୧୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଏହି ବୈଠକରେ ମିଳିତ ହୋଇଥିଲେ। ରାଜ୍ୟ ସଂଘର ସମ୍ପାଦକ ବିଭୁପ୍ରସାଦ ସାହୁ, ପଞ୍ଚାନନ ମହାପାତ୍ର, ପ୍ରଦୀପ ଗଜେନ୍ଦ୍ର ସିଂହ ପର୍ଯ୍ୟବେକ୍ଷକ ରୂପେ ନିର୍ବାଚନ ପରିଚାଳନା କରିଥିଲେ। ନୂତନ ସଭାପତି ଭାବେ ପ୍ରସନ୍ନ କୁମାର ଲେଙ୍କା, କାର୍ଯ୍ୟକାରୀ ସଭାପତି ଭାବେ କେଳୁଚରଣ ସ୍ୱାଇଁ, ଦିଲ୍ଲୀପ କୁମାର ଦାଶ, ବିଜୟଲକ୍ଷ୍ମୀ ପ୍ରଧାନ, ଉପସଭାପତି ଭାବେ ପ୍ରକାଶ ପଣ୍ଡା, ତ୍ରିବେଣୀ କୁମାର ସାହୁ ଓ କଳ୍ପନା ମିଶ୍ର, ସାଧାରଣ ସମ୍ପାଦକ ଭାବେ ସନ୍ତୋଷ ବିଶ୍ୱାଳ, ସହ ସମ୍ପାଦକ ଭାବେ ଆର୍ତ୍ତବନ୍ଧୁ ଷଡ଼ଙ୍ଗୀ, ରାମଚନ୍ଦ୍ର ବାରିକ ଓ ସତ୍ୟଭାମା ମହାପାତ୍ର, କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଖଟୁଆ ନିର୍ବାଚିତ ହୋଇଛନ୍ତି।

## ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ

ଓଡ଼ଗାଁ, ୨୦।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ କେନାଲ ଛକ ଘସାଦେଇପୁର ଠାରେ ଆଇସିଏସଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ହୋଲି ଫ୍ୟାମିଲିର ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଆର୍କ ବିସପ, ଜନ୍ ବାରୱାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜେନିସ ଥେରେସା, ବ୍ଲକ ଶିକ୍ଷାଅଧିକାରୀ ଗୀତାଞ୍ଜଳି ସାହୁ, ଦିବାକର ପରିଚ୍ଛା, ମୃତ୍ୟୁଞ୍ଜୟ ଦିଗଲ, କାରୋଲିନ ପ୍ରମୁଖ ଯୋଗ ଦେଇଥିଲେ। ନୟାଗଡ଼ ହୋଲି ଫ୍ୟାମିଲ ସ୍କୁଲର ହେଲେନା ଜର୍ଜ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷା ସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିଏସ୍‌ଇ ପାଠ୍ୟକ୍ରମ ଅନୁସାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଉତ୍କର୍ଷତା ସ୍ଥାନୀୟ ଅଞ୍ଚଳର ଶିଶୁମାନଙ୍କ ପାଇଁ ଭବିଷ୍ୟତ ଗଠନ ନେଇ ଅଂଶଗ୍ରହଣକାରୀ ମତ ରଖିଥିଲେ।

# ଫୁଲରେ ସଜେଇ ହୋଇଛି ଫତେଗଡ଼ ରାମ ମନ୍ଦିର

ଭାପୁର, ୨୦।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଶ୍ରୀରାମ ପାହାଡ଼ ଉପରେ ନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ରବିବାର ଶଙ୍କରାଚାର୍ଯ୍ୟ ଆସୁଛନ୍ତି। ସାଧୁ ସମ୍ମିଳନୀରେ ଯୋଗଦେଇ ଅପରାହ୍ନରେ ସେ ଫେରିଯିବେ ବୋଲି ଜଣାପଡ଼ିଛି। ଫତେଗଡ଼ ଶ୍ରୀରାମ ମନ୍ଦିର ଉପରେ ନିର୍ମାଣ ହୋଇଥିବା ଶ୍ରୀରାମ ମନ୍ଦିରରେ ସମସ୍ତ ବିଗ୍ରହକୁ ସ୍ଥାପନା କରାଗଲାଣି। ଶନିବାର ଅପରାହ୍ନରେ ବେଦମନ୍ତ୍ର ଧ୍ୱନିରେ ସମସ୍ତ ବିଧିବିଧାନ ଅନୁସାରେ ବିଗ୍ରହଗୁଡ଼ିକୁ ସେମାନଙ୍କ ଆସ୍ଥାନରେ ସ୍ଥାପନା କରାଯାଇଛି। ମୁଖ୍ୟ ମନ୍ଦିର ସହ ଅନ୍ୟ ପାର୍ଶ୍ୱ ମନ୍ଦିର ମାନଙ୍କରେ ମଧ୍ୟ ସମସ୍ତ ଠାକୁରଙ୍କୁ ସ୍ଥାପନ କରାଯାଇଛି। ଏହି ପ୍ରତିମା ସ୍ଥାପନ କାର୍ଯ୍ୟ ଦେଖିବାକୁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର, ମନ୍ଦିର ପରିସରରେ ଥିବା ପାର୍ଶ୍ୱ ମନ୍ଦିର, ଚାରିଦ୍ୱାରକୁ ଫୁଲରେ ସଜେଇ ଦିଆଯାଇଛି।

ରବିବାର ଦିନ ପ୍ରାୟ ୧୧ଟା ସମୟରେ ପୁରୀ ଶଙ୍କରାଚାର୍ଯ୍ୟ ଫତେଗଡ଼ରେ ଆସି ପହଞ୍ଚିବେ। ଫତେଗଡ଼ ନାଳିସାଗର ଖେଳପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ଶ୍ରୀରାମ ପାହାଡ଼ ଉପରେ ଏକ ଧର୍ମସଭାରେ ସାଧୁ ସନ୍ଥମାନଙ୍କୁ ଧର୍ମ ପ୍ରବଚନ ଦେବେ। ପରେ ଅପରାହ୍ନରେ ସେହି ହେଲିକପ୍ଟରରେ ଶଙ୍କରାଚାର୍ଯ୍ୟ ପୁରୀ ଫେରିଯିବାର କାର୍ଯ୍ୟକ୍ରମ ରହିଥିବା ମନ୍ଦିର ପରିଚାଳନା କମିଟି ସୂତ୍ରରୁ ଜଣାପଡ଼ିଛି। ପ୍ରବଳ ଜନସମାଗମକୁ ନଜରରେ ରଖି ପାହାଡ଼ ଉପରକୁ ଗାଡ଼ିମୋଟର ଯିବା ଆସିବାରେ କଟକଣା ଜାରି କରାଯାଇଛି। ଏହି କଟକଣା ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ପର୍ଯ୍ୟନ୍ତ ରହିବ ବୋଲି କୁହାଯାଇଛି। ପାହାଡ଼ ପାଦଦେଶରେ ଥିବା ଆଦର୍ଶ ବିଦ୍ୟାଳୟ ପଛପଟେ ସମସ୍ତ ଭକ୍ତମାନେ ସୁରକ୍ଷିତ ଭାବେ ମାଗଣାରେ ସେମାନଙ୍କ ଗାଡ଼ିମୋଟର ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ମନ୍ଦିର ସହ ସମସ୍ତ ଅଞ୍ଚଳ ଓ ଯିବା ଆସିବା ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏପରିକି ରାତ୍ରି ସମୟରେ ମଧ୍ୟ ଭକ୍ତମାନଙ୍କ ଯାତାୟାତରେ କୌଣସି ଅସୁବିଧା ହେବ ନାହିଁ ବୋଲି ଜଣାପଡ଼ିଛି।



# ୨ ଗୋରୁ ବୋଝେଇ ଗାଡ଼ି ଜବତ; ୭୯ଗୋରୁ ଉଦ୍ଧାର

ଖୋର୍ଦ୍ଧା, ୨୦ା୧(ସମିସ)

ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଅଞ୍ଚଳରେ ପୁଲିସର ସ୍ୱତନ୍ତ୍ର ଟିମ୍ ଚଢଉ କରି ଗୋରୁ ବୋଝେଇ ୨ଟି ନମ୍ବର ବିହୀନ ଆଇଚର ଗାଡିକୁ ଜବତ କରିଛି। ଗାଡି ଗୁଡିକରୁ ପୁଲିସ ୭୯ଗୋରୁ ଉଦ୍ଧାର କରିଛି। ପୁଲିସ ଚଢଉ ଦେଖି ଗୋରୁମାଫିଆ ଓ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବେଳେ ଉଦ୍ଧାର ଗୋରୁଙ୍କୁ ପୁଲିସ ବୋଲଗଡ଼ ଗୋଶାଳରେ ଛାଡିଥିବା ସୂଚନା ଦେଇଛି।

ଶୁକ୍ରବାର ରାତିରେ ବେଗୁନିଆ ଥାନା ଜାମୁସାହିରେ ଦୁଇଟି ନମ୍ବରବିହୀନ ଆଇଚର ଗାଡିରେ ବାହାର ରାଜ୍ୟକୁ ଚାଲାଣ ପାଇଁ ଗୋରୁ ଭର୍ତ୍ତି କରାଯାଉଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ଏସ୍‌ପି ଶ୍ରୀ କଙ୍ଗାରିଆଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲିପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ରାତି ପ୍ରାୟ ସାଢେ



ଗୋଟେ ସମୟରେ ଜାମୁସାହିରେ ଚଢଉ କରିଥିଲେ। ପୁଲିସ ଚଢଉ ଦେଖି ଗୋରୁ ମାଫିଆ ଓ ଗାଡି ଚାଳକ ଗାଡି ଛାଡି ଫେରାର ହୋଇଥିବାବେଳେ ଗାଡି ଦୁଇଟିକୁ ଯାଞ୍ଚ କରିବାରେ ଏଥିରେ ଅମାନୁଷିକଭାବେ ଗୋରୁ ବନ୍ଧା ହୋଇଯାଉଥିବା ଦେଖିଥିଲେ। ଗୋଟିଏ ଆଇଚରରେ ୪୯ ଓ ଅନ୍ୟ ଏକ ଆଇଚରରେ ୩୦ଟି ଗୋରୁଙ୍କ ମିଶାଇ ମୋଟ ୭୯ଗୋରୁଙ୍କୁ ପୁଲିସ ଉଦ୍ଧାର କରି ଗୋଶାଳାରେ

**● ଜିଲ୍ଲାରେ ଗୋଚାଲାଣକୁ ପ୍ରଶୟ ଦିଆଯିବନି**

ଛାଡିଛନ୍ତି। ଗାଡି ଦୁଇଟିକୁ ରଖି ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଗୋରୁମାନଙ୍କୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଚାଲାଣ କରାଯିବା ଲାଗି ଯୋଜନା ହୋଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଏସମ୍ପର୍କରେ ଏସପି ଶ୍ରୀକଙ୍ଗାରିଆ କୁହନ୍ତି, ଗୋରୁ ଚୋରି ଏବଂ ଗୋଚାଲାଣକୁ ଜମା ବରଦାସ୍ତ କରାଯିବନାହିଁ। ଗୋରୁ ଚାଲାଣ ରୋକିବାଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ ବିଭିନ୍ନ ଅଞ୍ଚଳରେ ଚଢଉ ଜାରୀ ରଖିଛନ୍ତି।

# ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ

**ବାଣପୁର, ୨୦ା୧(ସମିସ):** ବାଣପୁରର ଅତିବଡ଼ି ଜଗନ୍ନାଥ ସମ୍ମାନରେ ସମ୍ମାନୀତ ଓଡ଼ିଶାର ସୁନାମଧନ୍ୟ ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ୧୧୩ ତମ ଜୟନ୍ତୀ ସମାରୋହ ଜନ୍ମମାଟି ବାଣପୁର ର ଭୀମପୁର ଗ୍ରାମସ୍ଥିତ ବାନାମ୍ବର ଏକାଡେମୀ ବିଦ୍ୟାଳୟ ପରିସରରେ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ଆମ ଗାଁ ଆମ ସାହିତ୍ୟ ଏବଂ କୃଷ୍ଣଚନ୍ଦ୍ର ପାଠାଗାରଙ୍କ ମିଳିତ ଆନୁକୂଲ୍ୟରେ ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଲିଙ୍ଗରାଜ ରଥ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସଂଗ୍ରାମ କେଶରୀ ସାହୁ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ନଳିନୀକାନ୍ତ ପଟ୍ଟନାୟକ, ଡଃ ଚାନ୍ଦକିଶୋର ତ୍ରିପାଠୀ, ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଗଡ଼ନାୟକ ପ୍ରମୁଖ ଯୋଗ ଦେଇ କବି ତ୍ରିପାଠୀଙ୍କ ଅନନ୍ୟ ସୃଷ୍ଟି ମଧ୍ୟରୁ 'ମାଟି ଦୀପ, ରୂପାୟନ ଉତ୍ସ, ଅଗ୍ନି ଶଂଖ, ସାଧକର ସ୍ୱପ୍ନ, ବେଳା ଓ ବିଚି, ତରୁ ଓ ତୃଣ, କୁଟୀର ବଂଶୀ' ପରି କାଳଜୟୀ କବିତା ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ଉଜ୍ଜୀବିତ କରିଥିବା ସହ ତାଙ୍କ କବିତା ସଂକଳନ ପାଇକ ଜାତିର ବୀର ଗାଥା ରଚନା କରି ସମଗ୍ର ଓଡ଼ିଶାରେ ଏକ ମାତ୍ର ପାଇକ କବି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଓଡ଼ିଶା ସାହିତ୍ୟ



ଏକାଡ଼େମୀ ଦ୍ୱାରା ଗୌରବମୟ ଅତିବଡି ଜଗନ୍ନାଥ ସମ୍ମାନରେ ସମ୍ମାନୀତ ହୋଇଥିବା ସମ୍ପର୍କରେ ଆଲୋକପାତ କରି କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ରଥଙ୍କୁ ତାଙ୍କ ଅନବଦ୍ୟ ଶିଶୁ ସାହିତ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ କବି କୃଷ୍ଣଚନ୍ଦ୍ର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ପାଠାଗାରର ସମ୍ପାଦକ ମଧୁସୂଦନ ନନ୍ଦ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ବିଭୂତି ଭୂଷଣ ନନ୍ଦ ଓ ସଭ୍ୟ ଅଶୋକ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରତିଯୋଗିତା ସୁପରିଚାଳନା କରିଥିବା ବେଳେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୪ ଗରୁଡ଼ ପକ୍ଷୀ ଉଦ୍ଧାର

**ନିରାକାରପୁର, ୨୦ା୧(ସମିସ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଟାଙ୍ଗୋଳ ଗ୍ରାମରୁ ୪ଟି ଗରୁଡ ପକ୍ଷୀ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ଟାଙ୍ଗୋଳ ଗତିଶ୍ୱର ଦେବଙ୍କ ନିକଟ ବଡପୋଖାରୀ ହୁଡା ଥିବା ଆମ୍ବ ଗଛ ନଇଁ ପଡ଼ିଥିଲା।



ଉକ୍ତ ଗଛକୁ ନିଲାମ ସୂତ୍ରରେ ଜଣେ ଗ୍ରାମବାସୀ ନେଇ ଆଜି କାଟୁ ଥିବାବେଳେ ଗଛ କୋରଡରେ ୪ଟି ଗରୁଡ ପକ୍ଷୀ ଥିବାର ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଉକ୍ତ ପକ୍ଷୀଙ୍କୁ ଉଦ୍ଧାର କରି ରଖି ବନ ବିଭାଗକୁ ଖବର ଦେଇଛନ୍ତି।

# ଟାଙ୍ଗୀ ଓକିଲ ସଂଘ ନିର୍ବାଚନ ପାଇଁ କମିଟି ଗଠିତ

**ଟାଙ୍ଗୀ, ୨୦ା୧(ସମିସ):** ଟାଙ୍ଗୀ ଲୟର୍ସ ବାର ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରିବା ନିମିତ ଓଡ଼ିଶା ରାଜ୍ୟ ବାର କାଉନସିଲର ସମ୍ପାଦକ ଜେକେ. ସାମନ୍ତସିଂହାରଙ୍କ ତରଫରୁ ଗତ ୧୭ତାରିଖରେ ଚିଠି ପ୍ରଦାନ କରାଯାଇଛି। ଗତ ବର୍ଷ ଡିସେମ୍ବର ୧୪ତାରିଖରେ ଏଥିପାଇଁ ଯେଉଁ ଚିଠି ପ୍ରଦାନ କରାଯାଇ ସେଥିରେ ପ୍ରଦୀପ କୁମାର ମହାପାତ୍ର, ପିତବାସ ନାୟକ, ଅଶ୍ୱିନୀ କୁମାର ଦାସଙ୍କ ନାମ ସଜିତ ହୋଇଥିଲା। ଏହି ଚିଠି ପାଇବା ପରେ ଟାଙ୍ଗୀ ଓକିଲ ସଂଘରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କାରଣ ୨୦୨୨ ମସିହାରେ ପ୍ରତାପ କୁମାର ମହାପାତ୍ରଙ୍କ ସଦସ୍ୟତାକୁ ସଂଘ ରଦ୍ଦ କରିଥିଲା ବେଳେ ତାଙ୍କ ନାମ କିପରି ସ୍ଥାନିତ ହେଲା ସେଥିପାଇଁ ବାର କାଉନସିଲରେ ଲିଖିତ ଅଭିଯୋଗ କରାଯାଇଥିଲା। ଏବେ ଯେଉଁ ଚିଠି ଆସିଛି ସେଥିରୁ ପ୍ରତାପ କୁମାର ମହାପାତ୍ରଙ୍କ ନାମକୁ ବାଦ ଦିଆଯାଇ ପିତବାସ ନାୟକ ଓ ଅଶୂନୀ କୁମାର ଦାସଙ୍କ ନାମ ରହିଛି। ସେମାନେ ଭୋଟର ତାଲିକା ପ୍ରସ୍ତୁତ କଲାବେଳେ ଓକିଲାତି ବୃତିରୁ ଅବସର ନେଇଥିବା, ନିଲମ୍ବିତ ହୋଇଥିବା କିମ୍ବା ମୃତ୍ୟୁବରଣ କରିଥିବା ଓକିଲଙ୍କ ନାମକୁ ବାଦ ଦେଇ ଚଳିତ ଜାନୁୟାରୀ ୨୫ତାରିଖ ମଧ୍ୟରେ ବିଧିବଦ୍ଧ ତାଲିକା ପ୍ରସ୍ତୁତ କରି ବାର କାଉନସିଲକୁ ପ୍ରଦାନ କରିବାକୁ ଚିଠି ଦିଆଯାଇଛି।

# କୁହୁଡି ପ୍ରିମିୟର ଲିଗ୍ : ରାଇସ ୱାରିୟର ବିଜୟୀ

**କୁହୁଡ଼ି, ୨୦ା୧(ସମିସ):** କୁହୁଡ଼ି ପଞ୍ଚାୟତ ପଡ଼ିଆରେ ଚାଲିଥିବା ଚତୁର୍ଥ କୁହୁଡ଼ି ପ୍ରିମିୟର ଲିଗ୍‌ର ଶନିବାର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରାଇସ ୱାରିୟର ସହିତ ଖୁସି ସୁପରକିଙ୍ଗ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ବ୍ୟାଟିଂ କରି ରାଇସ ୱାରିୟର୍ ୭ ୱିକେଟ ହରାଇ ୧୩୧ ରନ୍ କରିଥିବା ବେଳେ ଖୁସି ସୁପରକିଙ୍ଗ ୯ ୱିକେଟ ହରାଇ ୧୦୩ ରନ୍ କରିଥିଲା। ରାଇସ ୱାରିୟର ୨୭ ରନରେ ବିଜୟୀ ହୋଇଥିଲା ଓ ୩୩ ବଲରେ ୬୪ରନ୍ କରିଥିବା ବାଦଲ ବେହେରାକୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରସେଶ ବରାଳ ଓ ଚନ୍ଦନ ମ୍ୟାଚ୍ ପରିଚାଳନା କରିଥିଲେ। ବିଜେପି କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ଜିଆରଏସ୍ ପ୍ରମୋଦ ବେହେରା ଓ କେପିଏଲ୍ ସଭାପତି ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ନାଚୁଣୀ, ୨୦ା୧(ସମିସ):** ନାଚୁଣୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ 'ନୂଆ-ଓ' ନୂଆ ଓଡ଼ିଶା- ନବୀନ ଓଡ଼ିଶା' ପୃଷ୍ଠପୋଷକତାରେ ଗତ ୧୨ ତାରିଖରୁ ଚାଲିଥିବା ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ତଥା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧିନ ସାଂସ୍କୃତିକ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ବଳିଆର ସିଂହ ଙ୍କ ଅଧ୍ୟକ୍ଷତାରେ ତଥା ସାଂସ୍କୃତିକ ବିଭାଗ ନୋଡାଲ ଅଧିକାରୀ ଅଧ୍ୟାପକ ରାଜ କିଶୋର ସାହୁଙ୍କ ସଂଯୋଜନାରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ପ୍ରଧାନ, ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଡ଼ଃ ରବି ନାରାୟଣ ସୁବୁଦ୍ଧି, ଆମନ୍ତ୍ରିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅରୁଣ କୁମାର ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର ରେ ମାଲ୍ୟାର୍ପଣ କରି ସମବେତ ଉତ୍କଳ ବନ୍ଦନା ଗାନ କରାଯାଇ ଥିଲା। ଏହି ଅବସରରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବର୍ଗରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଲୀନା ନଦୀଜା ସଭା ପରିଚାଳନ କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ସନ୍ତୋଷିନୀ ସାହୁ ଓ ଡଃ ସି. ମଞ୍ଜୁଲତା ସହଯୋଗ ପ୍ରଦାନ କରିଥିଲେ। ଡଃ ସୁଭଦ୍ରା ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ, ଗଞ୍ଜେଇ ସହ ବାଇକ୍ ଜବତ; ୫ ଗିରଫ

**ବାଲୁଗାଁ, ୨୦ା୧(ସମିସ):** ବେଆଇନ ମଦ ଓ ଗଞ୍ଜେଇ କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ନାରାୟଣ ଜେନାଙ୍କ ନେତୃତ୍ୱରେ ଟାଙ୍ଗୀ ଓ ବାଲୁଗାଁ ଅବକାରୀ ଟିମ ବାଣପୁର, ବାଲୁଗାଁ, ନାଚୁଣୀ, ଟାଙ୍ଗୀ ଓ ଖଲିକୋଟ ଆଦି ଥାନା ଅଞ୍ଚଳରେ ଚଢ଼ଉ କରି ୪କେଜି ଗଞ୍ଜେଇ, ୧୪୨ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୫ ଜଣ ଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ନାଚୁଣୀ ଥାନା ଅନ୍ତର୍ଗତ କହେଁଇପୁର ନୁଆସାହି ଗ୍ରାମରୁ ପ୍ରଦୀପ ସାହୁ, ଟାଙ୍ଗୀ ଥାନା ଅନ୍ତର୍ଗତ ବିରିବାଡି ଗ୍ରାମର ଅଭିଯୁକ୍ତ ପ୍ରିୟବ୍ରତ ବିଶ୍ୱାଳ, ବାଣପୁର ଥାନା ଅନ୍ତର୍ଗତ ଗୋପୀନାଥ ପ୍ରସାଦ ଗ୍ରାମରୁ ସନ୍ଧ୍ୟାରାଣୀ ସେଠି, ବାଲୁଗାଁ ଥାନା ଅନ୍ତର୍ଗତ ଆଙ୍କୁଲା ଗ୍ରାମର ଅଭିଯୁକ୍ତ ବୃନ୍ଦାବନ ଯୁଝାଆରସିଂହ ଓ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଛକାସିଂହ ଅଂଚଳର ବିପ୍ର ଶବର। ପ୍ରଦୀପ ନିକଟ ରୁ ୪ କେଜି ଗଞ୍ଜେଇ ଜବତ କରିଥିବା ବେଳେ ପ୍ରିୟବ୍ରତ ନିକଟରୁ ୨୮ ଲିଟର ଦେଶୀ ମଦ, ସନ୍ଧ୍ୟାରାଣୀଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ବିପ୍ର ନିକଟରୁ ଏକ ବାଇକ୍ ସହ ୮୦ ଲିଟର ଦେଶୀ ମଦ ଏବଂ ବୃନ୍ଦାବନଙ୍କ ନିକଟରୁ ୯ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ପୁଲିସ। ଏନେଇ ଅବକାରୀ ବିଭାଗ ପୃଥକ ୫ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଭୂଷଣ୍ଡପୁର ପଞ୍ଚାୟତରେ ବିଜେଡିର ସାଂଗଠନିକ ବୈଠକ

**ଭୁଷୁଣ୍ଡପୁର/ନିରାକାରପୁର,୨୦ା୧(ସମିସ):** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବାପାଇଁ ଭୂଷଣ୍ଡପୁର ପଞ୍ଚାୟତର ପ୍ରତ୍ୟେକ ୱାର୍ଡରୁ ପଶତାଧିକ ବରିଷ୍ଠ, ଯୁବଛାତ୍ରଙ୍କୁ ନେଇ ବନ୍ଧୁମିଳନ ଓ ସାଂଗଠନିକ ବୈଠକ ମା' ପାଦୁକିଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଆୟୋଜକ ଥିଲେ ପଞ୍ଚାୟତସ୍ତରୀୟ କର୍ମୀ ଅକ୍ଷୟ କୁମାର ବେହେରା, ପ୍ରଦୀପ ବେହେରା, ବିଭୂନା ବେହେରା, ବିଭୁତି ବେହେରା, କାହ୍ନୁ ବେହେରା, ମଥୁରା ବେହେରା, ସନ୍ତୋଷ କୁମାର ବେହେରା ଏବଂ ଦୀନବନ୍ଧୁ ବେହେରା। ଅତିଥି ଭାବରେ ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି'ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତ୍ୟାଗ, ନିଷ୍ଠା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତା ଓ ଚେତନା ଯୋଗୁ ଓଡ଼ିଶା ଏକ ବିକଶିତ ରାଜ୍ୟ ଭାବରେ ପରିଗଣିତ ହୋଇପାରିଛି ବୋଲି କହିଥିଲେ। ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଠାରୁ ସହର ଯାଏ



'ନବୀନ ଓଡ଼ିଶା'ର ମହାନ ଲକ୍ଷ ସାଧିତ ହୋଇପାରୁଛି। ଆମେ ସମସ୍ତେ ମିଳିମିଶି ପୁନଃଶ୍ଚ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ସମସ୍ତ ଘରକୁ ଘର ଯାଇ ଲୋକଙ୍କୁ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ପହଁଞ୍ଚାଇବାକୁ ହେବ ବୋଲି କହିଥିଲେ। ତେବେ ବୈଠକରେ ଉପସ୍ଥିତ ସମସ୍ତ କର୍ମୀ ଷଷ୍ଠଥର ଲାଗି ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଶପଥ ନେଇଥିଲେ।

# କୁନ୍ତଳାକୁମାରୀ ସାବତ ଛାତ୍ରୀନିବାସ ଉଦ୍‌ଘାଟିତ

**ଖୋର୍ଦ୍ଧା, ୨୦ା୧(ସମିସ):** ସ୍ଥାନୀୟ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ବିଶ୍ୱବ୍ୟାଙ୍କ ପାଣ୍ଠି ସହାୟତାରେ ନବନିର୍ମିତ କୁନ୍ତଳା



କୁମାରୀ ସାବତଙ୍କ ନାମରେ ନାମିତ ଛାତ୍ରୀ ନିବାସ ଶନିବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷା ଡଃ ଅଜନ୍ତା ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା କଲେଜ ପରିଚାଳନା ସମିତି ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଆନୁଷ୍ଠାନିକ ବିକାଶ ଯୋଜନା ସଂଯୋଜକ ପ୍ରାଧ୍ୟାପକ ଡଃ ପ୍ରିୟବ୍ରତ ପଟ୍ଟନାୟକ, ଉପାଧ୍ୟକ୍ଷା ଡଃ ବିନୋଦିନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରମାନଙ୍କୁ କୁନ୍ତଳା କୁମାରୀଙ୍କ ଆର୍ଦଶରେ ଅନୁପ୍ରାଣିତ ହେବାକୁ ଓ ଭବିଷ୍ୟତ ଗଠନ ଦିଗରେ ପରାମର୍ଶ ଦେଇଥିଲେ।ଶେଷରେ ନୂତନ ଛାତ୍ରୀନିବାସ ତତ୍ତ୍ୱାବଧାରିକା ଅଧ୍ୟାପିକା ଡଃ ପୁଷ୍ପିତା ପ୍ରିୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ବୋଲଗଡ଼, ୨୦ା୧(ସମିସ):** ବାଙ୍କୋଇ କେପିଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନି ଉପଲକ୍ଷେ 'ନୂଆ-ଓ'ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତଙ୍କ ସଭାପତିତ୍ୱରେ ନୋଡାଲ ଅଧିକାରୀ ଶେଖ ଆକବର ଅଲ୍ଲୀ ସ୍ୱାଗତ ଅଭିଭାଷଣ ରଖିବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ କାଳିଚରଣ ଜୟସିଂହ ଓ ମୁଖ୍ୟବକ୍ତା ରୂପେ ଅଧ୍ୟାପକ ଡ଼ଃ ଅଶୋକ କୁମାର ରାଉତ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ରାଙ୍କନିଧି ବଳିୟାରସିଂହ, ପୀତବାସ ମିଶ୍ର ମଞ୍ଚାସୀନ ଥିଲାବେଳେ ଶୈଳେନ୍ଦ୍ର ନାରାୟଣ ସାହୁ, କାହ୍ନୁ ଚରଣ ମଙ୍ଗରାଜ, ଶିବପ୍ରସାଦ ଦାଶ, ବସନ୍ତ କୁମାର ସିଂ, ସୁରେଶ ରାଉତରାୟ, ହରପ୍ରିୟା ଦାଶ, ଗୀତା ପଟନାୟକ, ପ୍ରବାସିନୀ ପାଇକରାୟ, ଅଶୋକ କୁମାର ଦାଶ, ଶ୍ରୀନିବାସ ଛୋଟରାୟ, ଅଜୟ ଖୁଣ୍ଟିଆ, ଶ୍ରୀପ୍ରସାଦ ସାମନ୍ତ, ପ୍ରଦୀପ ନାୟକ, ଅଶୋକ ସାମନ୍ତସିଂହାର, ଅର୍ଜୁନ ମଙ୍ଗରାଜ ଓ ତପନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଯୋଗ ଦେଇ ଉତ୍କଳୀୟ ଜୀବନରେ ଶ୍ରୀ ଜଗନ୍ନାଥ ଶୀର୍ଷକ ଆଲୋଚନା ଏବଂ ଓଡ଼ିଆ ହସ୍ତାକ୍ଷର ଲିଖନ ଓ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିଲେ।

# ମହିଳାଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

**ନିରାକାରପୁର, ୨୦ା୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଜନ୍‌କିଆ ଥାନା ଅନ୍ତର୍ଗତ ଛତ୍ରପଡ଼ା ଗ୍ରାମରେ ଆଜି ଜଣେ ମହିଳା ବିଷ ପିଇ ମୃତ୍ୟୁ ବରଣ କରିଥିବା ବେଳେ ମହିଳାଙ୍କ ପରିବାର ପକ୍ଷରୁ ଜାଣି ଶୁଣି ମରାଯାଇଛି ବୋଲି ଜଂକିଆ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ମୃତ ମହିଳାଙ୍କ ମାଆଙ୍କ ଅଭିଯୋଗ କ୍ରମେ ତାଙ୍କ ସାନ ଝିଅ ଉଷାରାଣୀ ଛୁଆଲସିଂ ଗୋଡାରାଇମୂଳ ଗ୍ରାମର ସଞ୍ଜୟ ଛୁଆଲସିଂଙ୍କୁ ୨୦ବର୍ଷ ତଳେ ବିବାହ କରିଥିଲେ। ଭଲରେ ସଂସାର ଚାଲିଥିବାବେଳେ ସଞ୍ଜୟ ଅତ୍ୟଧିକ ବାକି ହୋଇଯାଇଥିଲେ। ପରେ ସେମାନେ ଜଂକିଆରେ ଏକ ଭଡ଼ା ଘରେ ରହୁଥିଲେ। ଶୁକ୍ରବାର ଗ୍ରାମକୁ ଆସି ଭାଇ ଭାଇ ମଧ୍ୟରେ ସମ୍ପତି ବାଣ୍ଟି ଋଣ ସୁଝିବାକୁ ଯୋଜନା କରିଥିଲେ। କିନ୍ତୁ କୌଣସି କାରଣରୁ ପରିବାର ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା ଏହା ପରେ ସଞ୍ଜୟ ଓ ସଞ୍ଜୟଙ୍କ ପରିବାର ଲୋକେ ତାଙ୍କ ଝିଅକୁ ବିଷ ପିଆଇ ଗାଁ ଦାଣ୍ଡରେ ପକାଇ ଫେରାର ହୋଇଯାଇଥିଲେ। ପରେ ସେ ଘଟଣାସ୍ଥଳରେ ପହଞ୍ଚି ଝାଡ଼ାବାନ୍ତି ହୋଇ ପଡ଼ିଥିବା ଝିଅକୁ ଖୋର୍ଦ୍ଧା ହସ୍ପିଟାଲ୍ ନେଇ ଚିକିତ୍ସା କରିଥିଲି। ସେଠାରେ ଝିଅର ମୃତ୍ୟୁ ଘଟିଛି। ସଞ୍ଜୟ ଫେରାର ଥିବାବେଳେ ଖୋର୍ଦ୍ଧାରେ ଶବକୁ ଜଙ୍କିଆ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଥ୍ୟ ପାଇଁ ତଦନ୍ତ ଚଳାଇଛି।

# ରମାମଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବକୁ ନେଇ ଉତ୍ତେଜନା

**ବେଗୁନିଆ, ୨୦ା୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ମାସ ୨୨ ତାରିଖରେ ହେବାକୁ ସ୍ଥିର ହୋଇ ନିମନ୍ତ୍ରଣପତ୍ର ମଧ୍ୟ ଛପା ହୋଇ ସାରିଥିଲା। ତେବେ ସେହିଦିନ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ସରକାର ଅଧା ପର୍ଯ୍ୟନ୍ତ ଛୁଟି ଘୋଷଣା କରିଥିବା ବେଳେ କିଛି କର୍ମଚାରୀଙ୍କ ପ୍ରରୋଚନାରେ ଅଧ୍ୟୟନରତ ଛାତ୍ର ବାର୍ଷିକ ଉତ୍ସବ ବନ୍ଦ କରିବା ପାଇଁ ବିରୋଧ ପ୍ରଦର୍ଶନ କରିଥିବା ଶୁଣିବାକୁ ମିଳୁଛି। ଏଥିରେ ଅଣାୟତ ପରିସ୍ଥିତି ଉପୁଜିବାରୁ ଖୋର୍ଦ୍ଧା ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିଲ୍ଲୀପ କୁମାର ଦାସ, ବେଗୁନିଆ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଓ ବିଧାୟକ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ପହଁଞ୍ଚିଚ ଛାତ୍ରମାନଙ୍କୁ ବୁଝାସୁଝା କରି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ସମେତ କମିଟି ସହ ବହୁ ବିଚାର ବିମର୍ଶ କରି ବାର୍ଷିକ ଉତ୍ସବ ସ୍ଥଗିତ ରଖିବା ପାଇଁ ସ୍ଥିର ହୋଇଥିଲା।

# କବାଟ ଭାଙ୍ଗି ଟଙ୍କା ସହ ଅଳଙ୍କାର ଲୁଟିନେଲେ

**ବାଲୁଗାଁ, ୨୦ା୧(ସମିସ):** ଶୁକ୍ରବାର ବିଳମ୍ବିତ ରାତ୍ରିରେ ବାଣପୁର ଥାନା ଅନ୍ତର୍ଗତ କୁମ୍ଭକାରଡିହ ଗ୍ରାମର ଏକ ଘରର ପଛ କବାଟ ଭାଙ୍ଗି ନଗଦ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି ଲୁଟେରା। ଏନେଇ ବାଣପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ କୁମ୍ଭକାରଡିହ ଗ୍ରାମର ସଙ୍ଗୀତା ଲେଙ୍କାଙ୍କ ସ୍ୱାମୀ ସୁଧାକର ଲେଙ୍କା ରୋଜଗାର ପାଇଁ ବିଦେଶରେ ରହି କାର୍ଯ୍ୟ କରୁଛନ୍ତି। ଗାଁରେ ନିଜ ଘରେ ଗୋଟିଏ ଛୋଟ ପୁଅକୁ ନେଇ ସଙ୍ଗୀତା ଏକାକୀ ରୁହନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ସଙ୍ଗୀତା ଶୋଇ ପଡ଼ିବା ପରେ ଦୁର୍ବୃତ୍ତ ବାରି କବାଟ ଭାଙ୍ଗି ଘର ଭିତରେ ପସି ଏକ ଆଟାଚିକୁ ଭାଙ୍ଗି ଦେଇ ଥିବା ବେଳେ ଘରେ ଥିବା ନଗଦ ୫୦ ହଜାର ଟଙ୍କା ଓ ଅଳଙ୍କାର ସହ ସଙ୍ଗୀତାଙ୍କ ଭ୍ୟାନିଟି ବ୍ୟାଗରୁ ବହୁ ଦରକାରୀ କାଗଜପତ୍ର ଲୁଟି ନେଇଛନ୍ତି। ସକାଳୁ ସଙ୍ଗୀତା ଉଠିବାରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସଙ୍ଗୀତା ଏନେଇ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିବାରେ ଅଭିଯୋଗ ଆଧାରରେ ପୁଲିସ ବାଣପୁର ଥାନା କେସ୍ ନଂ ୪୦/୨୪ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**● ଅଟ୍ରି ମକର ମହୋତ୍ସବ ଷଷ୍ଠ ସନ୍ଧ୍ୟା**

# ନୂତନ ପିଢ଼ିକୁ ସୁଯୋଗ ଦେଇଥାଏ ମହୋତ୍ସବ

**ବେଗୁନିଆ, ୨୦ା୧(ସମିସ):** ବାଘମାରି ସ୍ଥିତ ବାବା ହଟ୍ଟକେଶ୍ୱର ଦେବଙ୍କ ପୀଠରେ ମକର ସଂକ୍ରାନ୍ତି ଉପଲକ୍ଷେ ଅଟ୍ରି ମକର ମହୋତ୍ସବ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଟ୍ରି ଉଷ୍ଣପ୍ରସ୍ରବଣରେ ଚାଲିଥିବା ମକର ମହୋତ୍ସବ ର ଷଷ୍ଠ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି ଓ ବେଗୁନିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ନୂତନ ପିଢ଼ିକୁ ସୁଯୋଗ ଦେଇଥାଏ ମହୋତ୍ସବ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ସଭାର




ପ୍ରାରମ୍ଭରେ ବେଗୁନିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ଦେଉରିଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଭୁବନେଶ୍ୱର ଶିଳ୍ପିକା ମଡର୍ଣ୍ଣ ଡ୍ୟାନ୍ସ, ଓଡ଼ିଶୀ, ଖୋର୍ଦ୍ଧା ଡିଭାଇଡ ଡ୍ୟାନ୍ସ ଗ୍ରୁପ, ସ୍ଥାନୀୟ ବିଦ୍ୟାଳୟ କଳାକାର ଦ୍ୱାରା ଗୋଟିପୁଅ ନାଚ ଓ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶୁଭକାନ୍ତ ମହାପାତ୍ର ମହୋତ୍ସବ ପରିଚାଳନା କରିଥିଲେ।

# ଏକ୍ସଆଇଏମ୍ ଲ' ବିଶ୍ୱବିଦ୍ୟାଳୟରେ ଜାତୀୟ ମାନବଧିକାର ସମ୍ମିଳନୀ

ଜଟଣୀ, ୨୦ା୧(ସମିସ)

ଜାଭିୟର୍ ଲ' ସ୍କୁଲ୍ ଓ ଏକ୍ସ.ଆଇ.ଏମ୍ ବିଶ୍ୱବିଦ୍ୟାଳୟ ମାନବ ଅଧିକାର ବିଭାଗ ର ମିଳିତ ସହଯୋଗରେ ଜାତୀୟ ମାନବ ଅଧିକାର ସମ୍ମିଳନୀ ଆୟୋଜନ ହୋଇଯାଇଛି। ଏଥିରେ ୧୩୪ ଗବେଷଣା ପ୍ରବନ୍ଧ ଜାତୀୟସ୍ତରରେ ପ୍ରାପ୍ତ କରାଯାଇଥିଲା। ସେଥି ମଧ୍ୟରୁ ୧୦୮ଟି ପ୍ରବନ୍ଧ ପ୍ରବନ୍ଧିତ କରାଯାଇଛି। ଏଥିରେ ପ୍ରବନ୍ଧ ଗୁଡିକ ଶିକ୍ଷକ, ଆଇନଜୀବୀ, ଉଦ୍ୟୋଗ, ବିଶେଷଜ୍ଞ, ରିସର୍ଚ୍ଚ ସ୍କଲାର ଓ ଛାତ୍ରଛାତ୍ରୀମାନେ ପ୍ରବନ୍ଧିତ କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନାଲସାର ର କୁଳପତି କୃଷ୍ଣଦେବ ରାଓ ଓ ଓଡ଼ିଶା ମାନବ ଅଧିକାର ଆୟୋଗର ମୁଖ୍ୟ ଶତ୍ରୁଘ୍ନ ପୂଜାରି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅବସର ପ୍ରାପ୍ତ ଉଚ୍ଚ ନ୍ୟାୟାଳୟ ବିଚାରପତି ବୀର କିଶୋର ମିଶ୍ର ଓ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ବିକାଶ ସିଂହ ସମ୍ମାନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହାବ୍ୟତୀତ ସମ୍ମାନିତ



ଅତିଥି ଭାବେ ଜାତୀୟ ଆଇନ ବିଦ୍ୟାଳୟ, ଘରୋଇ ଆଇନ ଅନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହିତ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟସ୍ତରୀୟ ନ୍ୟାୟାଳୟରୁ ଆଇନଜୀବୀମାନେ ଉକ୍ତ ପ୍ରବନ୍ଧ ଗୁଡିକୁ ପରୀକ୍ଷା କରିଥିଲେ। ଦୁଇ ଦିନିଆ ସମ୍ମିଳନୀରେ ପ୍ରବାସୀ ଓ ଶରଣାର୍ଥୀ, ଜଳବାୟୁ ପରିବର୍ତ୍ତନ, ସାମାଜିକ ଲିଙ୍ଗୀୟ ସମାନତା ଓ ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଉପରେ ବିସ୍ତାର ଭାବେ ଆଲୋଚନା କରାଯାଇଥିଲା। ପ୍ରଫେସର ବିରଞ୍ଚି ନାରାୟଣ ପଣ୍ଡା ଓ ପ୍ରଫେସର ଜାହୀଦ ପର୍ବେଜ ସମ୍ମିଳନୀର ପରିଚାଳନା କରିଥିଲେ। ଶେଷରେ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

